ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟରେ ଭାରତର ବଡ଼ ସ୍କୋର ଭାଙ୍ଗିଲା ୨୭ ବର୍ଷ ପୁରୁଣା ରେକର୍ଡ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କାଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଇଷ୍ଟ ଓ ୦୦.୬ : ୫୩ ଷ୍ଟିଟ୍

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୯୨ ● ୨୩ ନଭେମ୍ବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-292 ● 23rd November 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ନିର୍ମାଣ ହେବ ୯ ମହଲା ବିଶିଷ୍ଟ ରାଜସ୍ୱ ଭବନ : ଖର୍ଚ୍ଚ ହେବ ୩୪୭.୮୬ କୋଟି

ଭୁବନେଶ୍ୱର,୨୨।୧୧

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ରାଜଧାନୀ ଭୁବନେଶ୍ୱରରେ ନିର୍ମାଣ ହେବ ଏକ ବହୁତଳ ବିଶିଷ୍ଟ ରାଜସ୍ୱ ଭବନ। ଏହି ଅତ୍ୟାଧୁନିକ କୋଠା ନିର୍ମାଣ ପାଇଁ ୩୪୭.୮୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ, ପ୍ରସ୍ତାବିତ ରାଜସ୍ୱ ଭବନ ୯ ମହଲା ବିଶିଷ୍ଟ ହେବ। ଏହାର ନିମ୍ନ ଭାଗରେ ଦୁଇଟି ବେସମେଣ୍ଟ ଓ ଗୋଟିଏ ଗ୍ରାଉଣ୍ଡ ଫ୍ଲୋର ରହିବ। ଆଧୁନିକ ଭିତ୍ତିଭୂମି ଓ ଆବଶ୍ୟକୀୟ ସୁବିଧା ସୁଯୋଗ ସହ ଏହି



କୋଠା ନିର୍ମାଣ କରାଯିବ। ଏଥିରେ ରାଜସ୍ୱ ବିଭାଗର ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟ ଓ ବ୍ୟବସ୍ଥାକୁ ଗୋଟିଏ ସ୍ଥାନରେ ରଖିବାର ଯୋଜନା ରହିଛି। ବର୍ତ୍ତମାନ ରାଜସ୍ୱ ବିଭାଗର ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟଗୁଡ଼ିକୁ ଏକ ସ୍ଥାନରେ ଏକତ୍ରିତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ବିଭାଗୀୟ କାର୍ଯ୍ୟରେ ସମନ୍ୱୟ ବୃଦ୍ଧି ପାଇବା ସହ ପ୍ରଶାସନିକ ପରିଚାଳନା ଅଧିକ ସହଜ ଓ ଦକ୍ଷ ହୋଇପାରିବ। ଏଥିସହ ରାଜସ୍ୱ ଆଦାୟ ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି, 'ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜସ୍ୱ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ବଢ଼ିବା ସହ ବିଭାଗୀୟ କାର୍ଯ୍ୟ ତ୍ୱରାନ୍ୱିତ ହେବା ଆଶା କରାଯାଉଛି। ଏହା ସହିତ ବିଭିନ୍ନ ରାଜସ୍ୱ ସମ୍ପର୍କିତ କାର୍ଯ୍ୟ ପାଇଁ ଲୋକଙ୍କୁ ଅଧିକ ସୁବିଧା ମିଳିବାର ସମ୍ଭାବନା ରହିଛି। ରାଜ୍ୟର ରାଜସ୍ୱ ପ୍ରଶାସନକୁ ଏକ ନୂଆ ରୂପ ଦେବା ଦିଗରେ ଏହି ରାଜସ୍ୱ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।'

ଆସନ୍ତା ୨୬ରେ ପୁଣି ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି

ପୁରୀ,୨୨।୧୧

ନ୍ୟୁଜ୍‌ବ୍ୟୁରୋ

ପୁଣି ଆରମ୍ଭ ହେବ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି ଓ ମଣତି। ନଭେମ୍ବର ୨୬ ଓ ୨୭ ତାରିଖରେ ପୁନର୍ବାର ଏହି ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ।

ଚଳିତ ବର୍ଷ ମାର୍ଚ୍ଚ ମାସରୁ ରତ୍ନଭଣ୍ଡାର ଗଣତି ଓ ମଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ନୀତିକାନ୍ତି ଅଧିକ ଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ନଭେମ୍ବର ୨୪ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ପରେ ୨୬ ଓ ୨୭ ତାରିଖରେ ଗଣତି କାର୍ଯ୍ୟ ହେବ। ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍‌ଓପି ଅନୁସାରେ ଏହି ଗଣତି ମଣତି ହେବ। ଗଣତିମଣତି ସମୟରେ ଭକ୍ତମାନେ ପୂର୍ବଭଳି ବାହାର କାଠ ନିକଟରୁ *(ପୃଷ୍ଠା ୭ରେ)*

୩ ଦୁର୍ଘଟଣା : ୧୯ ମୃତ ୨୧ ଆହତ

ନୂଆଦିଲ୍ଲୀ,୨୨।୧୧

ଅଶୁଭ ରବିବାରରେ ଘଟିଛି ୩ ଦୁର୍ଘଟଣା। ଏହି ଦୁର୍ଘଟଣାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୧ ଜଣ ଗୁରୁତର ହୋଇଛନ୍ତି। ଏଭିତରୁ ଦୁଇଟି ଭୟଙ୍କର ଦୁର୍ଘଟଣା ରାଜସ୍ଥାନରେ ଘଟିଥିବା ବେଳେ ଅନ୍ୟଟି ଗୁଜରାଟରେ ଘଟିଛି। ବୁଲିବାକୁ ଯାଇଥିଲେ ଗୁଜରାଟ କଚ୍ଛର ଧଳା ରଣ, ଫେରିବା ବାଟରେ ଚାଲିଗଲା ଜୀବନ। ଗୋଟିଏ କାରରେ ଥିବା ୭ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ସେନାର ଯବାନ ଥିବାବେଳେ ତିନି ଜଣ ଛୋଟ ପିଲା। ସେହିପରି ଗୁଜରାଟର କଚ୍ଛ ଜିଲ୍ଲାରେ ଘଟିଛି ଏକ ହୃଦୟବିଦାରକ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଉତ୍ତରାଖଣ୍ଡର ଗଡ଼ୱାଲ ଅଞ୍ଚଳର ଦୁଇଟି ପରିବାରର ୭ ଜଣଙ୍କ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ସେନା ଯବାନ ଏବଂ ତିନି ଜଣ ଶିଶୁ ରହିଛନ୍ତି। ଛୁଟି କାଟିବାକୁ ଗୁଜରାଟ ଆସିଥିବା ପରିବାର ପାଇଁ ଏହି ଯାତ୍ରା ଶେଷ ଯାତ୍ରା *(ପୃଷ୍ଠା ୭ରେ)*



୨୫ରେ ନୂତନ ହିତାଧିକାରୀଙ୍କୁ ମିଳିବ ଭତ୍ତା

ଭୁବନେଶ୍ୱର,୨୨।୧୧

ନ୍ୟୁଜ୍‌ବ୍ୟୁରୋ

ମଧୁବାବୁ ପେନସନ୍ ଯୋଜନାର ବାକି ଥିବା ନୂତନ ହିତାଧିକାରୀ ଏବଂ ଏନଏସଏପି ବ୍ୟାଙ୍କ-ଲିଙ୍କ୍ ହିତାଧିକାରୀମାନଙ୍କ ପାଇଁ ଆସନ୍ତା ୨୫ ତାରିଖ ଦିନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସରେ ଭତ୍ତା ପ୍ରଦାନ କରାଯିବ। ଏନେଇ ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି ।

ବାଲିଯାତ୍ରା ପାଇଁ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା : ଜାରି ହେଲା ସ୍ୱତନ୍ତ୍ର ନିୟମାବଳୀ

କଟକ,୨୨।୧୧

ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୨୪ ନଭେମ୍ବରରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା। ଏହି ଐତିହାସିକ ମହୋତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁବିଧା, ସୁରକ୍ଷା ଓ ଯାତାୟାତକୁ ସୁଗମ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟମାବଳୀ ଜାରି କରାଯାଇଛି।

ବାଲିଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଯାନବାହନ ଚଳାଚଳ ଓ ପାର୍କିଂ ବ୍ୟବସ୍ଥାକୁ ସୁଶୃଙ୍ଖଳିତ କରିବା ଲକ୍ଷ୍ୟରେ ଏହି ନିୟମାବଳୀ ପ୍ରସ୍ତୁତ ହୋଇଛି। ନିର୍ଦ୍ଧାରିତ ସମୟରେ ଟ୍ରାଫିକ୍ କଟକଣା ଲାଗୁ ହେବା ସହ ବିଭିନ୍ନ ସ୍ଥାନରେ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ପୋଲିସ ପକ୍ଷରୁ ଦୁଇଚକିଆ ଓ ଚାରିଚକିଆ ଯାନ ସମେତ ବିଭିନ୍ନ ଯାନବାହନ ପାଇଁ ପୃଥକ୍ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଚହଟା ଛକ, ଗୋପାଳବଲ୍ଲଭ ପଟ୍ଟନାୟକ ପଡ଼ିଆ, ଖ୍ରୀଷ୍ଟିଆନ ପଡ଼ିଆ, ଦୟାଶ୍ରମ ସମ୍ମୁଖ ପଡ଼ିଆ, ସିଲଭର ସିଟି ବୋଟିଂ କ୍ଲବ ନିକଟସ୍ଥ *(ପୃଷ୍ଠା ୭ରେ)*

ଏସ୍‌ସିବି ମେଡିକାଲ୍ କଲେଜର ପୁନର୍ବିକାଶ ଓ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,୨୨।୧୧

ନ୍ୟୁଜ୍‌ବ୍ୟୁରୋ

କଟକସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ପୁନର୍ବିକାଶ ତଥା ସମ୍ପ୍ରସାରଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ପୂର୍ଣ୍ଣ ହୋଇସାରିଥିବା ନିର୍ମାଣ କାର୍ଯ୍ୟକୁ ହସ୍ପିଟାଲ ପାଇଁ ହସ୍ତାନ୍ତର, ସେଥିରେ ଚିକିତ୍ସା ଉପକରଣ କ୍ରୟ ପୂର୍ବକ ସ୍ଥାପନ, ଏସସିବିର ବିଭିନ୍ନ ବିଭାଗକୁ ପର୍ଯ୍ୟାୟ କ୍ରମେ ନୂତନ ଭିତ୍ତିଭୂମିକୁ ସ୍ଥାନାନ୍ତର ଓ ସେସବୁର ରକ୍ଷଣାବେକ୍ଷଣ ଏବଂ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ପ୍ରଦାନ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ଏସସିବି ସାମ୍ପ୍ରସାରଣ ପ୍ରକଳ୍ପରେ *(ପୃଷ୍ଠା ୭ରେ)*

ଏନଡିଆରଏଫ୍ ଦ୍ୱାଦଶ ବାଟାଲିୟନର ସ୍ଥାୟୀ ମୁଖ୍ୟାଳୟ ଉଦ୍‌ଘାଟନ କଲେ ଅମିତ ଶାହ



ଇଟାନଗର,୨୨।୧୧

କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ନିଜର ତିନିଦିନିଆ ଗସ୍ତ ଅବସରରେ ରବିବାର ଅରୁଣାଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାର ହୋଲୋଙ୍ଗିଠାରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳ (ଏନଡିଆରଏଫ୍)ର ଦ୍ୱାଦଶ ବାଟାଲିୟନର ନବନିର୍ମିତ ସ୍ଥାୟୀ ମୁଖ୍ୟାଳୟ କୋଠାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଆଧୁନିକ ମୁଖ୍ୟାଳୟ କାର୍ଯ୍ୟକ୍ଷମ ହେବା ଦ୍ୱାରା ଉତ୍ତର-ପୂର୍ବାଞ୍ଚଳରେ ବିପର୍ଯ୍ୟୟ ପରିଚାଳନା, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଏବଂ ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାର କ୍ଷମତା ଆହୁରି ସୁଦୃଢ଼ ହେବ। ଭୂମିକମ୍ପ ଦୃଷ୍ଟିରୁ ସମ୍ବେଦନଶୀଳ ଉତ୍ତର-ପୂର୍ବାଞ୍ଚଳର ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ବୈଷୟିକ ମାନଦଣ୍ଡ ଅନୁଯାୟୀ ଏହି ପରିସର ନିର୍ମାଣ କରାଯାଇଛି।

ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଅମିତ ଶାହ କହିଥିଲେ ଯେ, ଏହି ମୁଖ୍ୟାଳୟ କୋଠାର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଆଠ ବର୍ଷ ସମୟ ଲାଗିଛି। ବିଜେପି ସରକାରଙ୍କ କାର୍ଯ୍ୟକାଳରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଏହାର ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏନଡିଆରଏଫ୍‌ର ଦ୍ୱାଦଶ ବାଟାଲିୟନକୁ ସ୍ଥାୟୀ ଓ ଆଧୁନିକ ଭିତ୍ତିଭୂମି ମିଳିପାରିଛି। *(ପୃଷ୍ଠା ୭ରେ)*

ଓଡ଼ିଶା ଉପକୂଳରେ ଲାଗିବ ଅତ୍ୟାଧୁନିକ କ୍ୟାମେରା, ଆଗୁଆ ମିଳିବ ବାତ୍ୟା ସତର୍କ ସୂଚନା

ଭୁବନେଶ୍ୱର,୨୨।୧୧

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ହେବ ଆହୁରି ସୁଦୃଢ଼। ସମୁଦ୍ର ଉପକୂଳରେ ସ୍ଥାପନ ହେବ ଅତ୍ୟାଧୁନିକ ଭିଡିଓ କ୍ୟାମେରା ଆଧାରିତ ସ୍ୱୟଂଚାଳିତ ବେଳାଭୂମି ନିରୀକ୍ଷଣ ବ୍ୟବସ୍ଥା। ଏହାଦ୍ୱାରା ସାମୁଦ୍ରିକ ପାଣିପାଗ ସମ୍ପର୍କିତ ସଠିକ୍ ତଥ୍ୟ ମିଳିବା ସହ ବାତ୍ୟା ଓ ଅନ୍ୟ ସାମୁଦ୍ରିକ ବିପର୍ଯ୍ୟୟର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ମିଳିପାରିବ।

ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଏହା ସହିତ ଜାତୀୟ ମହାସାଗର ସୂଚନା କେନ୍ଦ୍ର ବା ଇନ୍‌କୋଇସ୍‌ର ଏକ ଆଞ୍ଚଳିକ କେନ୍ଦ୍ର ମଧ୍ୟ ଓଡ଼ିଶାରେ ପ୍ରତିଷ୍ଠା କରାଯିବ।

ଏହି ନୂତନ ବ୍ୟବସ୍ଥା ଉପକୂଳ ଅଞ୍ଚଳରେ ସମୁଦ୍ରର ସ୍ଥିତି ଓ ପାଣିପାଗ ସମ୍ପର୍କିତ ତଥ୍ୟ ଯୋଗାଇବ। ସାମୁଦ୍ରିକ ବିପର୍ଯ୍ୟୟର ପୂର୍ବାନୁମାନ ସହ ଆଗୁଆ ସଙ୍କେତ ଦେବାରେ ଏହା ସହାୟକ ହେବ। ଏଥିସହ ସାମୁଦ୍ରିକ ଗବେଷଣା କ୍ଷେତ୍ରରେ ମଧ୍ୟ ଏହି ବ୍ୟବସ୍ଥା ନୂଆ ସୁଯୋଗ ସୃଷ୍ଟି କରିବ।

ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ଖୁବ୍‌ଶୀଘ୍ର ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ଇନ୍‌କୋଇସ୍ ଏବଂ ଓଡ଼ିଶା ସରକାରଙ୍କ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- କଟକ, ଭୁବନେଶ୍ୱର ଓ ପୁରୀରେ ଘନ କୁହୁଡ଼ିର ଆସ୍ତରଣ।
- ଜମ୍ମୁ-କଶ୍ମୀରର କୁପୱାଡାରେ ନିୟନ୍ତ୍ରଣ ରେଖା ନିକଟରେ ବିପୁଳ ନିଶାଦ୍ରବ୍ୟ ଜବତ।
- କଟକ ବାଲିଯାତ୍ରାରେ ଲାଗିବ ୧୪୦୦ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ କ୍ୟାମେରା।
- ଭାରତ ଓ ଚୀନ୍ ମଧ୍ୟରେ ସୀମା ବିବାଦ ନେଇ ପୁଣି ଆଲୋଚନା।
- ବୈଷୟିକ ଶିକ୍ଷା ଓ ଦକ୍ଷ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା।
- ଜାତୀୟ ସୁରକ୍ଷା ବାହିନୀରେ ଓଡ଼ିଶାର ତିନି ମହିଳା କନଷ୍ଟେବଳ।
- ଭୁବନେଶ୍ୱରରେ ୩ କୋଟି ୮୩ ଲକ୍ଷ ଟଙ୍କାର ବିଦେଶୀ ସୁନା ଜବତ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୫୦୮ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୬୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯୩୮୧ (+୦)

ରୂପା ଦର

ରୂପା – ପ୍ରତି ଗ୍ରାମ ୧୭୫ (+୦)

ଏକାଳ ପଖାଳ



ଚାଲିଛି ପଞ୍ଚକ ଚାଲିଛି ପୂଜା
ପୁଣ୍ୟ ଅରଜନ୍ତି ଲୋକ
ପବିତ୍ର କାର୍ତ୍ତିକ ମାସରେ
ପାପ ପାପୀଙ୍କୁ ଯେ ଧିକ
ଆରେ ଜିଇଁବା ଶିଖ
ଭକ୍ତି ଦାନ ଜପ ସେବା ମନୋଭାବ
ଅନ୍ତର ଭିତରେ ରଖ।

6001/147/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବୁଲା ପ୍ରାଣୀଙ୍କ
ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଆନିମଲ୍ ହେଲ୍ପଲାଇନ୍ ନମ୍ବର 1962 (ଟୋଲ୍ ଫ୍ରି)



ଦୁର୍ଘଟଣାରେ ଆହତ ପ୍ରାଣୀମାନଙ୍କ ପାଇଁ ତୁରନ୍ତ ସେବା



କଟକ, ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ୨୪ x ୭ ସେବା



ରାଜ୍ୟର ୨୦ଟି ପୌରାଞ୍ଚଳରେ ସକାଳ ୬ଟାରୁ ରାତି ୧୦ଟା ଯାଏଁ ମିଳୁଛି ସେବା



ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ ଦ୍ୱାରା ସେବା ପ୍ରଦାନ

ଅସୁସ୍ଥ କିମ୍ବା ଦୁର୍ଘଟଣାରେ ଆହତ ବୁଲା ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆନିମଲ୍ ହେଲ୍ପଲାଇନ୍ ନମ୍ବର '1962' ରେ ଯୋଗାଯୋଗ କରନ୍ତୁ।

ଆସନ୍ତୁ ସମସ୍ତେ ସଚେତନ ହେବା, ଅସହାୟ ପ୍ରାଣୀଙ୍କୁ ସୁରକ୍ଷା ଦେବା

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

OIPR : 6001/6014/2/26-27/0018

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର ୨୩ ନଭେମ୍ବର ସୋମବାର ୨୦୨୬



ଶ୍ରୀମଦ୍ ଭଗବତ ଗୀତା ଆହୁତି ଯଜ୍ଞ ଓ ପୁସ୍ତକ ଉନ୍ମୋଚନ

ଚୌଦ୍ୱାର, ନ୍ୟୁଜ ବ୍ୟୁରୋ

ଆଗ୍ରାହାଟ ଗୀତାମଠ ଆଶ୍ରମସ୍ଥିତ ଶ୍ରୀ ଶ୍ରୀ ରାଧାମାଧବଜୀଉ ମନ୍ଦିରରେ ୬୪ତମ ବାର୍ଷିକ ଭଗବତ ଗୀତା ଆହୁତୀ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଗତ ଅଁଳା ନବମୀ ଦିନରୁ ଆରମ୍ଭ ହୋଇଥିବା ଏହି ପବିତ୍ର କାର୍ଯ୍ୟକ୍ରମରେ ପ୍ରତିଦିନ ସୂର୍ଯ୍ୟପୂଜା, ଗୋ ପୂଜା, ପାରାୟଣ, ଆହୁତି , ସଂଧ୍ୟା ଆରତୀ, ପ୍ରବଚନ ଓ ନାମ ସଂକୀର୍ତ୍ତନ ଆଦି ଆୟୋଜିତ ହେଉଛି । ଗୀତା ଯଜ୍ଞର ଚତୁର୍ଥ ଦିବସ ପବିତ୍ର ଏକାଦଶୀ ତିଥିରେ ହରିହାଟ ଆୟୋଜିତ ହେବା ସହିତ ମଠର ଦିବଙ୍ଗତ ମହନ୍ତ ବାବାଜୀ ଜଗନ୍ନାଥ ଦାସଙ୍କ ଆତ୍ମ ଜୀବନ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ମହନ୍ତ ବାବାଜୀ ମନମୋହନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବ୍ୟ ଜୀବନ ସଂଘର ମୁଖ୍ୟ ଶିବ ଚିଦାନନ୍ଦ ଜୀ ଅତିଥି ଭାବେ ଯୋଗଦେଇ ଭକ୍ତଙ୍କ ଆତ୍ମଜୀବନ ପୁସ୍ତକ ଉନ୍ମୋଚନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବହୁ ସନ୍ଥ, ସନ୍ୟାସୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲିବ ବୋଲି ଗୀତାମଠ ଆଶ୍ରମ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆ ଯାଇଛି ।



କାର୍ଯ୍ୟରତ ଏସ୍ଇଏମ୍ଓ ପଞ୍ଚ ଅପରେଟରଙ୍କ ବକେୟା ଦରମା ଦାବିରେ କାମ ବନ୍ଦ ଚେତାବନୀ



ଖପ୍ରାଖୋଲ, ନ୍ୟୁଜ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଦୀର୍ଘ ନଅ ମାସ ଧରି ସେମାନଙ୍କ ପାରିଶ୍ରମିକ ବା ଦରମା ପାଇନଥିବା ଅଭିଯୋଗ ନେଇ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ। ଖପ୍ରାଖୋଲ ବ୍ଲକ୍ ଅଧୀନରେ କାର୍ଯ୍ୟରତଥିବା ଏସ୍ଇଏମ୍ଓ ପଞ୍ଚ ଅପରେଟର ମାନେ ଦୀର୍ଘ ନଅ ମାସ ହେବ ବିନା ଦରମାରେ କାର୍ଯ୍ୟ କରୁଥିବା ନେଇ ବିଡ଼ିଓଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଗତ ତା. ୨୬.୧୦.୨୦୨୬ ରିଖ ସୋମବାର ଠାରୁ ସମସ୍ତ ଏସ୍ଇଏମ୍ଓ ପଞ୍ଚ ଅପରେଟର ମାନେ ଦିନ କର୍ମଚାରୀମାନେ ଏ ସମ୍ପର୍କରେ ଗୋଷ୍ଠି ମଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇଥିଲେ । ସେହି ସମୟରେ ସେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଆଜି ପର୍ଯ୍ୟନ୍ତ କୌଣସି ଦରମା ପ୍ରଦାନ କରାଯାଇ ନାହିଁ । ଫଳରେ ଦରମା ନପାଇ ସମ୍ପୃକ୍ତ କର୍ମଚାରୀମାନେ ନିଜ ପରିବାର ପ୍ରତିପୋଷଣ କରିବାରେ ଘୋର ଆର୍ଥିକ ସଙ୍କଟ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବକେୟା ଦରମା ତୁରନ୍ତ ପ୍ରଦାନ ନକରାଗଲେ, ଆସନ୍ତା ତା. ୨୩.୧୧.୨୦୨୬ ରିଖ ସୋମବାର ଠାରୁ ସମସ୍ତ ଏସ୍ଇଏମ୍ଓ ପଞ୍ଚ ଅପରେଟରମାନେ କାର୍ଯ୍ୟରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିରତ ରହିବେ ବୋଲି ଦାବିପତ୍ର ମାଧ୍ୟମରେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି । ଯଦି ଏହି କାରଣରୁ କୌଣସି ଅପ୍ରୀତିକର ପରିସ୍ଥିତି ବା ଅସୁବିଧା ଉପୁଜେ, ତେବେ ସେଥିପାଇଁ ବିଡ଼ିଓ , ଆର୍ ଡବ୍ଲୁ ଏସଏସ ଯନ୍ତ୍ରୀ ୧, ସହଯୋଗୀଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଦାୟୀ ରହିବେ ବୋଲି କର୍ମଚାରୀମାନଙ୍କ ପକ୍ଷରୁ ଚେତାବନୀ ଦେଇଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ସେ ଯେଉଁ ପଞ୍ଚାୟତ ମାନଙ୍କରେ ଉପଲବ୍ଧ ଅନୁଦାନ ଅଛି ସେହି ପଞ୍ଚାୟତର ସରପଞ୍ଚ ଓ ପିଇଓମାନଙ୍କ ସହିତ ଯୋଗାଯୋଗ କରି ବକେୟା ପାଉଣା କାର୍ଯ୍ୟରତ ଏସ୍ଇଏମ୍ଓ ପଞ୍ଚ ଅପରେଟରମାନଙ୍କୁ ଦିଆଯିବ ବୋଲି ସୂଚନା ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀଙ୍କ ପଶ୍ଚିମ ଓଡ଼ିଶା ଗସ୍ତ : ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଭତ୍ତା ବଣ୍ଟନ



ଖପ୍ରାଖୋଲ, ନ୍ୟୁଜ ବ୍ୟୁରୋ

ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଗୁରୁବାର ଖପ୍ରାଖୋଲ ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହିତ ବ୍ଲକ୍ ପରିସରରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ପ୍ରଥମେ ବ୍ଲକ୍ ପରିସରରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଶୁଭାରମ୍ଭ କରିଥିବା ବେଳେ ବ୍ଲକ୍‌ରେ ୩୩୧ ଜଣ ନୂତନ ହିତାଧିକାରୀ ଚୟନ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ସରକାର ୬୦ ବର୍ଷ ପୂରଣ ହେଲେ ଯୋଗ୍ୟ ବ୍ୟକ୍ତିକୁ ସରକାର ଭତ୍ତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ପରେ ଥାନା ଛକ ଠାରେ ଖପ୍ରାଖୋଲ ଠାରୁ ହରିଶଙ୍କର ରାସ୍ତାର ଶିଳାନ୍ୟାସ କରିଥିଲେ। ପୂର୍ତ୍ତ ବିଭାଗ ତରଫରୁ ୨୭ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟବରାଦ ରେ ଏହି ପ୍ରକଳ୍ପ ହେବ। ସେହି ପରି ବାଘଝରଣ କନ୍ଦରାଭଟା ରାସ୍ତା ର ଶିଳାନ୍ୟାସ ବାଘଝରଣ ଠାରେ କରିଥିବା ବେଳେ ଧଣ୍ଡାମୁଣ୍ଡା ଠାରୁ ବେନକେରା ରାସ୍ତା ନାଳ ରେ ପୋଲ ନିର୍ମାଣ , ବାଞ୍ଜିପାଲି ଠାରୁ ପୁତୁଲାମହୁଲ ରାସ୍ତାର ପୋଲ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ଶେଷରେ ଲୁହାସିଂହା ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଏକ କୋଟି ୨୦ ଲକ୍ଷ ଟଙ୍କାର ହେବାଥିବା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବଲ୍ଲଭ ଧରୁଆ, ପାଟଣାଗଡ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା, ଏସଡିପିଓ ସଦାନନ୍ଦ ପୂଝାରୀ, ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ସୌମ୍ୟ କିଶୋର ବେହେରା, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ କୁମାର ଭଇସାଲ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଲାରମ୍ବା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ, ଉମାକାନ୍ତ ଦରୁଆନ, ଉମାକାନ୍ତ ପ୍ରଧାନ, ବିକାଶ ବେହେରା ସମେତ ବିଭିନ୍ନ ବିଭାଗର ଅଧିକାରୀ, ଭାଜପା କାର୍ଯ୍ୟକର୍ତ୍ତା, ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନୋଜ କୁମାର ବାଗ ଓ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।

ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ଖପ୍ରାଖୋଲ, ନ୍ୟୁଜ ବ୍ୟୁରୋ

ଅଖିଳ ଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଜବାହରଲାଲ ଉଚ୍ଚ ବିଦ୍ୟାଳୟ ଧଣ୍ଡାମୁଣ୍ଡାରେ ଏକଦଶ ଦିବସୀୟ ସଂସ୍କୃତ ସମ୍ଭାଷଣ ଶିବିରର ଉଜ୍ଜାପନୀ ଉତ୍ସବ ସମାପନ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଧଣ୍ଡା ମୁଣ୍ଡା ପଞ୍ଚାୟତର ସରପଞ୍ଚ ବୈଦ୍ୟନାଥ ମିଶ୍ର, ମୁଖ୍ୟ ଅତିଥି ଭାବରେ, ପଞ୍ଚାୟତ ସମିତି ଖପ୍ରାଖୋଲର ଅଧକ୍ଷା ଶ୍ରୀମତୀ ନିରୁପମା ପଟେଲ, ନିମନ୍ତ୍ରିତ ଅତିଥି ଭାବରେ ମହରାପଦରର ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦ ଓ ଏସଏମସି ସଦସ୍ୟ ଅବିନ ହଂସ, ସାରସ୍ୱତ ଅତିଥି ଭାବରେ ଧଣ୍ଡାମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ମହାପାତ୍ର ଯୋଗଦେଇ ସଭାକୁ ସଫଳ କରିଥିଲେ। ମୁଖ୍ୟ ବକ୍ତା ଭାବରେ ପାଇକମାଳ ବ୍ଲକର ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ ସାମ୍ପ୍ରତିକ ସମାଜରେ ସଂସ୍କୃତ ଭାଷାର ଉପାଦେୟତା ଓ ଆବଶ୍ୟକତା ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରିଥିଲେ। ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜେୟ କୁମାର ଭୋଇ



ସଂସ୍କୃତ ଭାଷାର ମହତ୍ୱ ବିଷୟରେ କହିଥିଲେ। ଅଖିଳଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାର ମହାସଚିବ ଶ୍ରୀମାନ ଜୟପ୍ରକାଶ ଶାସ୍ତ୍ରୀ ଦଶ ଦିନ ପର୍ଯ୍ୟନ୍ତ ଶିବିର ପରି ଚାଳନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହେମସାଗର ପ୍ରଧାନ ମଞ୍ଚ ପରିଚାଳନା କରି ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହ ଯୋଗ କରି ଥିଲେ। ଧଣ୍ଡାମୁଣ୍ଡା ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ସଂସ୍କୃତ ସମ୍ଭାଷଣ ପ୍ରତିଯୋଗିତା, ଶ୍ଲୋକ ଆବୃତ୍ତି, ସଂସ୍କୃତ ଗୀତ ପ୍ରତିଯୋଗିତା ହୋଇ ଥିଲା ଓ ପୁରସ୍କାର ପ୍ରଦାନ ମଧ୍ୟ କରା ଯାଇଥିଲା। ଏହି ଉତ୍ସବ ରେ ଧଣ୍ଡା ମୁଣ୍ଡା ଶିଶୁ ମନ୍ଦିରର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତ ନାଟକ ବିବେକଦୟଃ ନାଟକ ପରିବେଷଣ କରା ଯାଇଥିଲା। ଏହି ଉତ୍ସବରେ ଧଣ୍ଡାମୁଣ୍ଡା ଶିଶୁ ମନ୍ଦିର ଓ ମାଟିଆଭଟା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ଦେବଦତ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲାର ୮୩୩ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା



ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ୧୦୭ ଗ୍ରାମ ପଞ୍ଚାୟତର ଅଧିନସ୍ତ ୯୬୩ ଗ୍ରାମରୁ ୮୩୩ ରାଜସ୍ୱ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଘୋଷଣା କରାଯାଇଛି । ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ୮୩୩ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରି ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହ କହିଲେ ଯେ ରୁଚିକା ଭଳି ସାମାଜିକ ଅନୁଷ୍ଠାନ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ସମସ୍ତ କର୍ମୀ ଅକ୍ଲାନ୍ତ ପରିଶ୍ରମ କରି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ନିତି ନିର୍ଦ୍ଦେଶ ଅନୁଯାୟୀ ଏହି ଗ୍ରାମଗୁଡ଼ିକରେ ୬ ରୁ ୧୪ ବର୍ଷର ସମସ୍ତ ଶିଶୁ ସ୍କୁଲକୁ ଯାଉଛନ୍ତି, ୧୧ ରୁ ୧୯ ବର୍ଷର ସମସ୍ତ କିଶୋର କିଶୋରୀ ଅଙ୍ଗନୱାଡିର ଅଦ୍ଦିକା କାର୍ଯ୍ୟକ୍ରମରେ ପଞ୍ଜୀକୃତ ହୋଇଥିବା ବେଳେ ଗତ ତା ୦୧.୦୧.୨୦୨୫ ରିଖ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ବାଲ୍ୟ ବିବାହ ହୋଇନାହିଁ। ତେଣୁ ଭାରତ ସରକାରଙ୍କ ନିର୍ଦ୍ଦେଶ ନାମା ଅନୁସାରେ ଗତ ଅକ୍ଟୋବର ୦୨ ତାରିଖରେ ଅନୁଷ୍ଠିତ ଗ୍ରାମ ସଭାଗୁଡିକରେ ବିଧିବଧ ଭାବେ ରିଜୋଲୁସନ୍ କରାଯାଇ ଏହି ଘୋଷଣା କରାଯାଇଛି। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ କହିଲେ ବିଶ୍ୱକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ହେଲେ ସମାଜର ସମସ୍ତ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କର ଭାଗିଦାରିତା ଆବଶ୍ୟକ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ କନ୍ୟା କୁମାରୀ ସାହୁ ଶ୍ରମ ବିଭାଗ ର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହ ବାଲ୍ୟ ବିବାହ ଭଳି ସାମାଜିକ ଅପରାଧରୁ ନିବୃତ ରହିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର ଯୋଗଦେଇ କହିଥିଲେ ରୁଢ଼ିବାଦୀ ସମାଜ ରେ କନ୍ୟା ରତ୍ନମାନଙ୍କୁ ଏକ ଶୃଙ୍ଖଳା ମଧ୍ୟରେ ବନ୍ଦୀ କରି ସେମାନଙ୍କ ଶିକ୍ଷା ଓ ଅଧିକାରକୁ ସେମାନଙ୍କଠାରୁ ଏହା ଦ୍ୱାରା ବଳ ପୂର୍ବକ ଛଡ଼ାଇ ନିଆଯାଉଛି। ତେଣୁ କେବଳ ଜନ ସଚେତନତା ନୁହେଁ ଆଇନ ଗତ କଠୋର କାର୍ଯ୍ୟାନୁଷ୍ଠାନ ଓ ପ୍ରଗତିଶୀଳ ନାରୀ ଶିକ୍ଷା ଏହାକୁ ରୋକିପାରିବ। ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ୬ ଅନୁସାରେ ଓଡ଼ିଶାରେ ୧୮.୬% ବାଲ୍ୟ ବିବାହ ହେଉଛି। ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରାୟ ଶତକଡା ୧୬.୯ %ରୁ ଖସି ୧୨.୩% ରୁ ଅଧିକ ପିଲା ବାଲ୍ୟ ବିବାହ କରୁଛନ୍ତି। ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ସହ ମିଶି ଆମେ ୨୦୩୦ ମସିହା ସୁଧା ଜଷ୍ଟ ରାଇଟ୍ ଫର୍ ଚିଲ୍ଡ୍ରେନ ସହାୟତାରେ ଶୂନ୍ୟ କରିପାରିବୁ ବୋଲି ରୁଚିକାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ବେଣୁଧର ସେନାପତି ଦୃଢୋକ୍ତି ପ୍ରକାଶ କରିଛନ୍ତି। ବାଲ୍ୟ ବିବାହ ଭଳି ଏକ ସାମାଜିକ ଅପରାଧକୁ କୌଣସି ପ୍ରକାରେ ବରଦାସ୍ତ କରାଯାଇପାରିବ ନାହିଁ ବୋଲି ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଶ୍ରୀମତୀ ଲିଲିମା ଲଳିତା ବରାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ରେଣୁକା ସୁନା, ସୁବର୍ଣ୍ଣପୁର ମୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଷି ମାଝୀ, ସୁବର୍ଣ୍ଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ସୁବର୍ଣ୍ଣପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନାୟକ, ତରଭା ପଞ୍ଚାୟତ ସମିତିର ଅଧକ୍ଷ ସରୋଜ କୁମାର କମ୍ପ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୃକ୍ତ ନିଷେଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅତିଥି ମାନଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଓ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସନ । ଜିଲ୍ଲାପାଳ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଶିଶୁ ବିକାଶ ଅଧିକାରିଣୀ, ସରପଞ୍ଚ, ବ୍ଲକ ଉନ୍ନୟନ ଅଧିକାରୀ, ୱାର୍ଡ ମେମ୍ବର। ବାଲ୍ୟ ବିବାହ ମୁକ୍ତ ଭାରତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ରୁଚିକା ସଂଗଠନର ଜିଲ୍ଲା ସଂଯୋଜିକା ତଟିନୀ ବିଶ୍ୱାଳ, ରିଙ୍କିନା ସ୍ୱାଇଁ, ହରପ୍ରିୟା ପତି, ଅଜୟ ମହାରଣା, ବି ଏନ ରେଡ଼ି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଥବିର କାଲସେ, ମୃତ୍ୟୁଞ୍ଜୟ ସାହୁ, ସରିତା ସୁନା, ମାନିନୀ ମହାନ୍ତି, ଜିତେନ୍ଦ୍ର ମଣ୍ଡଳ, ରୁଦ୍ର ପ୍ରସନ୍ନ ମିଶ୍ର, ସ୍ୱାଗତ ରାଜ ମିଶ୍ର, ସହଯୋଗ କରିଥିଲେ, ଏହି ଅବସରରେ ୧୦୦ ଦିନିଆ ସଚେତନତା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା।

ସଚେତନ ମତଦାତା ଗଠନ ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା



କେନ୍ଦୁଝର: ନ୍ୟୁଜ

ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନ ପ୍ରକ୍ରିୟା ସମ୍ପର୍କରେ ସଚେତନତା ବୃଦ୍ଧି କରି ସଚେତନ ଓ ଦାୟିତ୍ୱବାନ ମତଦାତା ଗଠନ ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ସମ୍ପନ୍ନ ହୋଇଯାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଗଠିତ (ଇଏଲ୍‌ସିଏସ୍)ମାଧ୍ୟମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ—ତେଲକୋଇ, କେନ୍ଦୁଝର, ଘସିପୁରା, ଆନନ୍ଦପୁର, ପାଟଣା ଓ ଚମ୍ପୁଆର ମୋଟ ୧୯୨ଟି ଶିକ୍ଷାନୁଷ୍ଠାନରେ ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ନିବନ୍ଧ ପ୍ରତିଯୋଗିତାରେ ୩,୧୩୭ ଜଣ ଏବଂ କୁଇଜ୍ ପ୍ରତିଯୋଗିତାରେ ୪,୨୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଧାନସଭାସ୍ତରୀୟ ପ୍ରତିଯୋଗିତା

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ନଭେମ୍ବର, ୨୦୨୬ ସୋମବାର



ଭୁବନେଶ୍ୱର ଓ ଏକାମ୍ର କ୍ଷେତ୍ର ବାଲିଯାତ୍ରା ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆସନ୍ତା ୨୪ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବାଲିଯାତ୍ରା ମହୋତ୍ସବ। ଏଥିପାଇଁ ରାଜଧାନୀରେ ଜୋରଦାର ପ୍ରସ୍ତୁତି ଚାଲିଛି। ମଞ୍ଚେଶ୍ୱରସ୍ଥିତ କୁଆଖାଇ ନଦୀପଠାରେ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଏବଂ ରାଜଧାନୀ ଉପକଣ୍ଠ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ଆୟୋଜନ କରାଯିବ।

ଏହି ଦୁଇଟି ମହୋତ୍ସବରେ ଜନସମାଗମକୁ ଦୃଷ୍ଟିରେ ରଖି ଲୋକଙ୍କ ସୁବିଧା, ସୁରକ୍ଷା ଓ ଯାତାୟାତକୁ ସୁଗମ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପୃଥକ୍ ପୃଥକ୍ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଏହି କଟକଣା ପ୍ରତିଦିନ ଅପରାହ୍ନ ୨ଟାରୁ ଭିଡ଼ କମିବା ପର୍ଯ୍ୟନ୍ତ ବଳବତ୍ତର ରହିବ। ନିୟମ ଉଲ୍ଲଂଘନ କଲେ ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନ, ୨୦୦୩ର ଧାରା ୯୬ ଅନୁସାରେ ଜରିମାନା ଦେବାକୁ ପଡ଼ିବ। ମଞ୍ଚେଶ୍ୱର ଗଡ଼ାଠାରୁ ବାଲିଯାତ୍ରା। ପଡ଼ିଆ ଅଭିମୁଖେ ଆସୁଥିବା ଯାନବାହାନଗୁଡ଼ିକ କେବଳ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ପର୍ଯ୍ୟନ୍ତ ଯାଇପାରିବେ। କୌଣସି ଗାଡ଼ିକୁ ବାଲିଯାତ୍ରା ପଡ଼ିଆ ଭିତରକୁ ଯିବାକୁ ଅନୁମତି ମିଳିବ ନାହିଁ। ବରିମୁଣ୍ଡ ଗ୍ରାମ ପାର୍ଶ୍ୱରୁ ଆସୁଥିବା ଯାନବାହାନଗୁଡ଼ିକୁ ଜରିପାଟଣା ଗ୍ରାମ ନିକଟରେ ଥିବା ଅବରୋଧ ସ୍ଥଳରୁ ଆଗକୁ ଯିବାକୁ ଅନୁମତି ମିଳିବ ନାହିଁ। ଏହି ଗାଡ଼ିଗୁଡ଼ିକ ବାଲିଯାତ୍ରା ପଡ଼ିଆ ଏବଂ ଜରିପାଟଣା ଗାଁ ପଡ଼ିଆ ନିକଟରେ ଥିବା ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ଗାଡ଼ି ରଖିପାରିବେ। ନନ୍ଦନକାନନ ପାର୍ଶ୍ୱରୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଗାଡ଼ି ଇଞ୍ଜଣା କେନାଲ ବ୍ରିଜ୍ ଦେଇ ରସୁଲଗଡ଼/ପଳାଶୁଣୀ ଆଡ଼କୁ ଯିବେ। ଏହି ଗାଡ଼ିଗୁଡ଼ିକୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଅନୁମତି ମିଳିବ ନାହିଁ। ବାଲିଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ମଞ୍ଚେଶ୍ୱର ଗଡ଼ାଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଭାରୀ ଓ ବାଣିଜ୍ୟିକ ଯାନବାହାନ ଚଳାଚଳ ନିଷେଧ କରାଯାଇଛି। ସେହିପରି ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ପାଇଁ ମଧ୍ୟ କମିଶନରେଟ୍ ପୋଲିସ ପକ୍ଷରୁ ଏକାଧିକ ରାସ୍ତାରେ ଯାତାୟାତ ନିୟନ୍ତ୍ରଣ ସହ ପାର୍କିଂ ବ୍ୟବସ୍ଥା କରାଯାଇଛି। ସାଇ ମନ୍ଦିର ଛକ ପାର୍ଶ୍ୱରୁ ଆସୁଥିବା ଯାନବାହାନଗୁଡ଼ିକୁ ଅବରୋଧ ସ୍ଥଳରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଅନୁମତି ମିଳିବ ନାହିଁ। ସେହି ଗାଡ଼ିଗୁଡ଼ିକୁ ପଡ଼ିଆ ନିକଟରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ରଖିବାକୁ ପଡ଼ିବ। ରଙ୍ଗବଜାର ପାର୍ଶ୍ୱରୁ ଆସୁଥିବା ଯାନବାହାନଗୁଡ଼ିକୁ ବ୍ରିଜ୍‌ର ଶେଷ ଭାଗରେ ଥିବା ଅବରୋଧ ସ୍ଥଳରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଅନୁମତି ମିଳିବ ନାହିଁ। ଏହି ଗାଡ଼ିଗୁଡ଼ିକ ରଙ୍ଗବଜାର ନିକଟରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ରଖିପାରିବେ। ବାଳକାଟି ପାର୍ଶ୍ୱରୁ ଆସୁଥିବା ଯାନବାହାନଗୁଡ଼ିକୁ ବ୍ରିଜ୍‌ର ଶେଷ ଭାଗରେ ଥିବା ଅବରୋଧ ସ୍ଥଳରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଦିଆଯିବ ନାହିଁ। ଏହି ଗାଡ଼ିଗୁଡ଼ିକ ଗଡ଼ ଶ୍ରୀରାମପୁରଠାରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ରଖିପାରିବେ। ଏହି ଦୁଇ ପାର୍ଶ୍ୱରୁ ଆସୁଥିବା ଯାନବାହାନଗୁଡ଼ିକୁ ବାଲୁକେଶ୍ୱର ମନ୍ଦିର ଗଡ଼ାଠାରେ ଥିବା ଅବରୋଧ ସ୍ଥଳରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଅନୁମତି ମିଳିବ ନାହିଁ। ସେହି ଗାଡ଼ିଗୁଡ଼ିକ ବାଲୁକେଶ୍ୱର ଗଡ଼। ପାର୍କିଂ କିମ୍ବା ଗ୍ୟାରେଜ୍ ଗୋଦାମ ପାର୍କିଂରେ ଗାଡ଼ି ରଖିପାରିବେ। ଲିଙ୍ଗିପୁର ଗ୍ରାମ ପାର୍ଶ୍ୱରୁ ନଦୀପାର୍ଶ୍ୱ ରାସ୍ତା ଦେଇ ଆସୁଥିବା ଯାନବାହାନଗୁଡ଼ିକୁ ବ୍ରିଜ୍‌ର ଶେଷ ଭାଗରେ ଥିବା ଅବରୋଧ ସ୍ଥଳରୁ ଆଗକୁ ଯିବାକୁ ଅନୁମତି ମିଳିବ ନାହିଁ। ସେହି ଗାଡ଼ିଗୁଡ଼ିକ ବାସୁଆଘାଇ ନଦୀପଠା ନିକଟରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ଗାଡ଼ି ରଖିପାରିବେ। ତେଣୁ ବାଲିଯାତ୍ରା ମହୋତ୍ସବକୁ ଯାଉଥିବା ଲୋକଙ୍କୁ କମିଶନରେଟ୍ ପୋଲିସ ପକ୍ଷରୁ ଜାରି ଟ୍ରାଫିକ୍ ନିୟମ ପାଳନ କରିବା ସହ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ଗାଡ଼ି ରଖିବାକୁ ପରାମର୍ଶ ଦିଆଯାଇଛି।



ଅର୍ଣ୍ଣବ ଓ ଅକଓ୍ୱାନ ବାତ୍ୟା ବିପନ୍ନଙ୍କୁ କ୍ଷତି ପୂରଣ ଦେବାପାଇଁ ନିବେଦନ

ରମ୍ଭା, ନ୍ୟୁଜ ବ୍ୟୁରୋ

ଅର୍ଣ୍ଣବ ଓ ଅକଓ୍ୱାନ ବାତ୍ୟାରେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ କଚ୍ଚା ଘର ବା ଚାଳ ଛପର ଘର ଥିବାରୁ ଭାଙ୍ଗି ନଷ୍ଟ ସହିତ କ୍ଷୟକ୍ଷତି ଘଟିଛି। ଏପରିକି ସେମାନେ ଜରି ପାଲ ଘୋଡାଇ ଆଶ୍ରୟ ନେଇଛନ୍ତି। ଦୁଃଖଦ ସମୟରେ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ପ୍ରଶାସନକୁ ଅବଗତ କରାଇଛନ୍ତି ଏବଂ ସେମାନଙ୍କର ଚିଲିକାରେ ପ୍ରତିପୋଷଣ କରୁଥିବା ଜାଲ, କିଲା, ଡଙ୍ଗା ଓ ମେସିନି ହଜାର ହଜାର ଟଙ୍କାର କ୍ଷୟ କ୍ଷତି ହୋଇଅଛି। ବାରମ୍ବାର ପ୍ରାକୃତିକ ବନ୍ୟା ବାତ୍ୟା ଯୋଗୁଁ ଚିଲିକାକୁ ମାଛ ମାରିବା ପାଇଁ ପ୍ରଶାସନ ଜୀବିକା ବନ୍ଦ କରୁଛନ୍ତି। ଫଳରେ ପରିବାର ପ୍ରତିପୋଷଣ କରିବାରେ ବ୍ୟାଘାତ ଘଟୁଛି, ତେଣୁ ଏହି ବ୍ୟାନ ସମୟରେ ଆର୍ଥିକ ସାହାଯ୍ୟ ସାଙ୍ଗକୁ କ୍ଷୟ କ୍ଷତି ପାଇଁ ସରକାରଙ୍କୁ ଆପତ୍ତି ଜଣାଇଛନ୍ତି। ଏହି ଅଞ୍ଚଳର କୃଷକ ଚାଷୀ ରବି ଫସଲ ଓ ଧାନ ଫସଲ ନଷ୍ଟ ହୋଇଅଛି ତାଙ୍କୁ ଉଚ୍ଚିତ କ୍ଷୟ କ୍ଷତି ଦେବାପାଇଁ ନିବେଦନ କରିଛନ୍ତି।



ବଳିରାଜ ଗ୍ରାମକୁ ରାଜସ୍ୱ ଗ୍ରାମ କରିବାକୁ ଦାବି

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଞ୍ଚାୟତରେ ଥିବା ବଳିରାଜ ଗ୍ରାମକୁ ରାଜସ୍ୱ ଗ୍ରାମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେଲା ବଳିରାଜ ଗ୍ରାମ ରାଜସ୍ୱ ଗ୍ରାମ ନ ହେବାରୁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାତ ସହ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମକୁ ରାଜସ୍ୱ ଗ୍ରାମ ପାଇଁ ଆବଶ୍ୟକ ଥିବା ସମସ୍ତ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ମାନଦଣ୍ଡ ପୂରଣ କରୁଥିବାବେଳେ ଏହି ଗ୍ରାମକୁ ଦୀର୍ଘବର୍ଷ ହେଲା ରାଜସ୍ୱ ଗ୍ରାମ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଦାବି କରି ଆସୁଥିଲେ ମଧ୍ୟ ଏହାକୁ ଜିଲ୍ଲା ପ୍ରଶାସନ ଅବହେଳା କରିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଏହି ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଆଦିକନ୍ଦ ରାଉଳ, ଉମାକାନ୍ତ ପତି, ରମଣୀ ରଞ୍ଜନ ରାଉତରାୟ, ଗଣେଶ ଚନ୍ଦ୍ର ପତି, ପ୍ରଦୀପ ପତି, ଶ୍ରୀଚରଣ ସାମଲ ପ୍ରମୁଖ ଦାବି କରିଛନ୍ତି।

ପ୍ରେସ୍ କ୍ଲବ୍‌ରେ ମହତାବ ଜୟନ୍ତୀ

ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ମହତାବଙ୍କ ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିବ

ଚୌଦ୍ୱାର, ନ୍ୟୁଜ ବ୍ୟୁରୋ

ମହାନ୍ ସଂଗ୍ରାମୀ, ପ୍ରତିଷ୍ଠିତ ରାଜନେତା, ଐତିହାସିକ, ନବ ଉତ୍କଳର ନବ ନିର୍ମାତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରଜାତନ୍ତ୍ର ପ୍ରଚାର ସମିତିର ପ୍ରତିଷ୍ଠାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ପ୍ରେସ୍ କ୍ଲବ୍ ଆନୁକୂଲ୍ୟରେ କ୍ଲବ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ତଥା ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଓ ବିଶିଷ୍ଟ ପାଲାକାର ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଆତିଥି ଭାବେ ଯୋଗଦେଇ ଡ. ମହତାବଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ମହତାବଙ୍କ ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମ୍ବାଦିକ ତଥା ହିନ୍ଦୁ ସେବକ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସାମ୍ବାଦିକ ଆଶୁତୋଷ ଦାସ, ପ୍ରକାଶ କୁମାର ନାୟକ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ସୁଧାକର ସାମନ୍ତରାୟ, ବିମଳ କୁମାର ବେଉରା, ବିଭୂ ପ୍ରସାଦ ମହାନ୍ତି, ଶିକ୍ଷାବିତ୍ ଶିବ ପ୍ରସାଦ ପତି, କଳିଙ୍ଗ ବଜାର ପୂଜା କମିଟିର ସଦସ୍ୟ ରମେଶ ଚନ୍ଦ୍ର ନାୟକ, ସ୍ମୃତି ରଞ୍ଜନ ମହାପାତ୍ର, ମାନସ କୁମାର ସାହୁ,ସେକ୍ ଗୁଲଫାମ୍, ସେକ୍ ମୁଜାମେଲ, ପ୍ରମୁଖ ଡ. ମହତାବଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିଶୁ ସଦନରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ଶିଶୁ ସଦନର ମୁଖ୍ୟ ଦାମୋଦର ସାହୁ ରାଷ୍ଟ୍ର ଗଠନ ଓ ସାହିତ୍ୟ, ସଂସ୍କୃତି, ସାମାଜିକ ଜୀବନଧାରା, ଇତିହାସ, ସାମାଜିକ ଆଦି କ୍ଷେତ୍ରରେ ଉତ୍କଳ କେଶରୀଙ୍କ ଅବଦାନ ଓ କୃତି ସମ୍ପର୍କରେ ଶିଶୁ ସଦନ ଅନ୍ତେବାସୀ ମାନଙ୍କୁ ବୁଝାଇବା ସହିତ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲା ମାନଙ୍କଦ୍ୱାରା ସମୂହ ବେଦ ଆବୃତ୍ତି, ଗାତାପାଠ, ସର୍ବଧର୍ମ ପ୍ରାର୍ଥନା, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବାତ୍ୟା ପ୍ରଭାବରେ ଜିଲ୍ଲାରେ ୪ ହଜାର ୬୩୦ ହେକ୍ଟର ଚାଷଜମି ଜଳମଗ୍ନ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ଆକ୍ୱାନ ପ୍ରଭାବରେ କେନ୍ଦ୍ରାପଡା ଜିଲ୍ଲାରେ ୪ ହଜାର ୬୩୦ ହେକ୍ଟର ଚାଷଜମି ଜଳମଗ୍ନ ସହିତ ଧାନଗଛ ଗୁଡିକ ଶୋଇ ପଡିଛି। ୩ ହଜାର ୯୧୯ ହେକ୍ଟର ଚାଷଜମି ଜଳମଗ୍ନ ଥିବାବେଳେ ୭୧୧ ହେକ୍ଟର ବିରି ଓ ପନିପରିବା (ଅଣଧାନ) ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। କେନ୍ଦ୍ରାପଡା ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ଡେରାବିଶ, ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ସହିତ ଦୁଇଟି ପୌରାଞ୍ଚଳରେ ଆଂଶିକ ଧାନ ଫସଲ ଜଳମଗ୍ନ ହୋଇଛି। ଏଥିରେ ୭୧୧ ହେକ୍ଟର ବିରି ଓ ପନିପରିବା, ମାର୍ଶାଘାଇ ଓ ମହାକାଳପଡା ଅଞ୍ଚଳରେ ଅଣ ଧାନ ଫସଲ ସାମାନ୍ୟ ପ୍ରଭାବିତ ହୋଇଛି। ତିନି ଚାରି ଦିନ ମଧ୍ୟରେ ଚାଷଜମିରୁ ଜଳ ଶୁଖିଗଲାପରେ କୃଷି ଓ ରାଜସ୍ୱ ବିଭାଗ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କଲାପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।



ଜିଲ୍ଲାରେ ୮୬୦ଟି ବୁଥ୍‌ରେ ୧,୭୬,୬୫୯ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ଲକ୍ଷ୍ୟ

କେନ୍ଦୁଝର, ନ୍ୟୁଜ

ଶିଶୁମାନଙ୍କୁ ପୋଲିଓ ରୋଗରୁ ସୁରକ୍ଷା ପ୍ରଦାନ କରିବା ସହ ଜିଲ୍ଲାରେ ଶତପ୍ରତିଶତ ପୋଲିଓ ଟୀକାକରଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ରବିବାରରୁ ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ତୀବ୍ର ପଲ୍ସ ପୋଲିଓ ଟୀକାକରଣ ଅଭିଯାନ ଅନୁଷ୍ଠିତ ହେବ। ଏହି ଅଭିଯାନରେ ଜିଲ୍ଲାର ୫ ବର୍ଷରୁ କମ୍ ବୟସର ମୋଟ ୧,୭୬,୬୫୯ ଜଣ ଶିଶୁଙ୍କୁ ଦୁଇ ବୁନ୍ଦା ମୁଖ୍ୟ ପୋଲିଓ ଟୀକା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅଭିଯାନର ପ୍ରଥମ ଦିନ, ନଭେମ୍ବର ୨୨ ତାରିଖରେ ଜିଲ୍ଲାର ୮୬୦ଟି ଟୀକାକରଣ ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏହାପରେ ନଭେମ୍ବର ୨୩ ଓ ୨୪ ତାରିଖରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପ୍ରଥମ ଦିନ ଟୀକାକରଣରୁ ବଞ୍ଚିତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ। ଏହି ବୃହତ୍ ଅଭିଯାନର ସୁପରିଚାଳନା ପାଇଁ ଜିଲ୍ଲାରେ ମୋଟ ୧,୭୨୦ଟି ଟୀକାକରଣ ଦଳ ନିୟୋଜିତ ହୋଇଛନ୍ତି। ଏଥିସହ ୪୧ଟି ଟ୍ରାଞ୍ଜିଟ୍ ଟିମ୍‌ରେ ୮୨ ଜଣ ସଦସ୍ୟ ଏବଂ ୨୪ଟି ମୋବାଇଲ୍ ଟିମ୍‌ରେ ୪୮ ଜଣ ସଦସ୍ୟ ନିୟୋଜିତ ହେବେ। ଟୀକାକରଣ କାର୍ଯ୍ୟର ତଦାରଖ ପାଇଁ ୧୬୮ ଜଣ ସୁପରଭାଇଜର ନିୟୋଜିତ ହେବା ସହ ଟ୍ରାଞ୍ଜିଟ୍ ଓ ମୋବାଇଲ୍ ଟିମ୍‌ଗୁଡ଼ିକର ତଦାରଖ ପାଇଁ ଅତିରିକ୍ତ ୯ ଜଣ ସୁପରଭାଇଜର ରହିବେ। ସମଗ୍ର ଅଭିଯାନରେ ୩,୪୪୦ ଜଣ ଟୀକାକରଣ କର୍ମୀ ନିୟୋଜିତ ହେବା ସହ ଟୀକାର ସୁରକ୍ଷିତ ସଂରକ୍ଷଣ ଓ ଯୋଗାଣ ପାଇଁ ୬୭ଟି କୋଲ୍ଡ ଚେନ୍ ପଏଣ୍ଟର ବ୍ୟବସ୍ଥା କରାଯାଇଛି। ଏଥିସହ ଜିଲ୍ଲାର ୯୦ଟି ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ବାଂଶପାଳ, ବାସୁଦେବପୁର, ଭଣ୍ଡା, ଫକୀରପୁର, ଘଟଗାଁ, ହରିଚନ୍ଦନପୁର, ଝୁମ୍ପୁରା, ପଦ୍ମପୁର, ପାଟଣା, ସାଙ୍କୁଳ, ସାଲଣିଆ, ତେଲକୋଇ ଓ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଏହି ଟୀକାକରଣ କାର୍ଯ୍ୟ ପରିଚାଳିତ ହେବ। ସେହିପରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କେନ୍ଦୁଝର ସହରାଞ୍ଚଳରେ ମଧ୍ୟ ଟୀକାକରଣ ବ୍ୟବସ୍ଥା ରହିଛି। ଚମ୍ପୁଆ ଓ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ସହ ଆନନ୍ଦପୁର ସହରାଞ୍ଚଳରେ ମଧ୍ୟ ଏହି ଅଭିଯାନ ଚାଲିବ। ଏଥିସହ ଯୋଡ଼ା ଓ ବଡ଼ବିଲ ସହରାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମଧ୍ୟ ପୋଲିଓ ଟୀକାକରଣ କରାଯିବ। ଜିଲ୍ଲାର ସମସ୍ତ ଅଭିଭାବକ ନିଜର ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ନଭେମ୍ବର ୨୨ ତାରିଖରେ ନିକଟସ୍ଥ ପୋଲିଓ ବୁଥ୍‌କୁ ନେଇ ଦୁଇ ବୁନ୍ଦା ପୋଲିଓ ଟୀକା ନିଶ୍ଚିତ ଭାବେ ଦିଅନ୍ତୁ। ପୂର୍ବରୁ ପୋଲିଓ ଟୀକା ନେଇଥିବା ଶିଶୁମାନଙ୍କୁ ମଧ୍ୟ ଏହି ଅଭିଯାନରେ ପୋଲିଓ ବୁନ୍ଦା ଦେବା ଆବଶ୍ୟକ। ଯେଉଁ ଅଭିଭାବକମାନେ ପ୍ରଥମ ଦିନ ବୁଥ୍‌କୁ ଯାଇ ଶିଶୁଙ୍କୁ ଟୀକା ଦେଇପାରିବେ ନାହିଁ, ସେମାନେ ଘରକୁ ଆସୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗ ନିଅନ୍ତୁ। କୌଣସି ଶିଶୁ ଯେପରି ପୋଲିଓ ଟୀକାକରଣରୁ ବଞ୍ଚିତ ନ ହୁଏ, ସେଥିପାଇଁ ସମସ୍ତ ଜନସାଧାରଣ ସଚେତନ ରହିବା ସହ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ, କେନ୍ଦୁଝରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।



ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ନବରଙ୍ଗପୁର ବ୍ଲକ୍ ପ୍ରଶାସନର ତ୍ୱରିତ ପଦକ୍ଷେପ

- ସୋସିଆଲ ମିଡିଆ ଅଭିଯୋଗର ତ୍ୱରିତ ସମାଧାନ
- ପାତ୍ରମୁଣ୍ଡା ଛକରେ ଲାଗିଲା ହାଇମାକ୍ସ ଲାଇଟ୍

ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ

ଗତ ଅକ୍ଟୋବର ୯ ତାରିଖରେ ପାତ୍ରମୁଣ୍ଡା ଛକ ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିବା ପରେ ସେଠାରେ ଏକ ହାଇମାକ୍ସ ଲାଇଟ୍ ସ୍ଥାପନ ପାଇଁ ସୋସିଆଲ ମିଡିଆ ମାଧ୍ୟମରେ ଏକ ଅଭିଯୋଗ ଉଠାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ଗୁରୁତ୍ୱ ଦେଇ ନବରଙ୍ଗପୁର ବ୍ଲକ୍ ପ୍ରଶାସନ ଉକ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେବା ସହ ଆଜି ଉକ୍ତ ସ୍ଥାନରେ ହାଇମାକ୍ସ ଲାଇଟ୍ ସ୍ଥାପନ କରିଛି। ଏହି ଲାଇଟ୍ ସ୍ଥାପନ ଦ୍ୱାରା ରାତ୍ରି ସମୟରେ ଯାତାୟାତ ଅଧିକ ସୁରକ୍ଷିତ ହେବା ସହ ଅଞ୍ଚଳବାସୀଙ୍କୁ ଯାତାୟାତରେ ସୁବିଧା ମିଳିବ। ଅଭିଯୋଗର ତ୍ୱରିତ ସମାଧାନ ଏବଂ ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ନିମନ୍ତେ ପାତ୍ରମୁଣ୍ଡା ଗ୍ରାମବାସୀ ବିଡିଓ ଡଃ. ସୁନୀଲ କୁମାର ଖୋରା ଏବଂ ସମଗ୍ର ବ୍ଲକ୍ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ତ୍ୱରିତ ସମାଧାନ କରିବା ଦିଗରେ ନବରଙ୍ଗପୁର ବ୍ଲକ୍ ପ୍ରଶାସନର ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ପ୍ରୟାସ।

ରମ୍ଭା ଗାୟତ୍ରୀ ଶକ୍ତିପୀଠର ଉତ୍ସବ ପାଇଁ ବ୍

ସମ୍ବାଦ କଲିକା

32 YEARS

ଭାରତୀୟ ଅର୍ଥନୀତିକୁ ପ୍ରଶଂସା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଅର୍ଥନୀତିର ପ୍ରଶଂସା କରିବା ସହିତ ନିଜ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭକୁ ଭର୍ତ୍ସନା କରିଛନ୍ତି। ଭାରତକୁ ଏକ ଉଦାହରଣ ଭାବେ ଦର୍ଶାଇ ଦେଶର କମ୍ ସୁଧ ହାର ଏବଂ ୭ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାରକୁ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ, ଭାରତଠାରୁ ଶିଖ। ଯଦି ଆମେରିକା ମଧ୍ୟ ସମାନ ନୀତି ଗ୍ରହଣ କରେ, ତେବେ ଏହାର ଜିଡ଼ିପି ଅଭିବୃଦ୍ଧି ୧୪, ୧୫ କିମ୍ବା ୨୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରିବ। ସେ ଆମେରିକା ଫେଡେରାଲ ରିଜର୍ଭ ଉପରେ ସୁଧ ହାର ପ୍ରତି ରାଜନୈତିକ ମନୋଭାବ ଗ୍ରହଣ କରିବାର ଅଭିଯୋଗ ଆଣିଛନ୍ତି। ମୁଁ ଅଧ୍ୟକ୍ଷଙ୍କୁ ଦୋଷ ଦେଉନାହିଁ, କିନ୍ତୁ ଏହି ସତ୍ୟ ଯେ ଆମର ଫେଡେରାଲ ରିଜର୍ଭ ରାଜନୈତିକ ହୋଇଯାଇଛି। ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଯେତେବେଳେ ବି ଆମେରିକା ସକାରାତ୍ମକ ଅର୍ଥନୈତିକ ତଥ୍ୟ ଉପସ୍ଥାପନ କରେ, ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରେ। ସେ ଯୁକ୍ତି ଦେଇଛନ୍ତି, ଏପରି କରିବା ପରିବର୍ତ୍ତେ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ହ୍ରାସ କରିବା ଉଚିତ୍। ଯେତେବେଳେ କୌଣସି ଦେଶର ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଘଟେ, ସେତେବେଳେ ସୁଧ ହାର ହ୍ରାସ କରାଯିବା ଉଚିତ୍। କାରଣ ଏହା ଦେଶର ଋଣ ପରିଶୋଧ କରିବାର କ୍ଷମତାକୁ ଉନ୍ନତ କରିଥାଏ। ଆମେ ଠିକ୍ ଏହାର ବିପରୀତ କରୁଛୁ। ଏହା କରି ଆମେ ଦେଶକୁ କ୍ଷତି ପହଞ୍ଚାଉଛୁ। ଯେତେବେଳେ ଆମର ଅର୍ଥନୈତିକ ସ୍ଥିତି ଭଲ ରହିଛି, ସେତେବେଳେ ସୁଧ ହାର ବୃଦ୍ଧି କରି ଚାଲିବା ଉଚିତ୍ ନୁହେଁ। ସୁଧ ହାର ହ୍ରାସ କରିବା ଉଚିତ୍, କାରଣ ଆମର ଋଣ ପରିଶୋଧ କରିବାର କ୍ଷମତା ଭଲ ରହିଛି। ବିଶ୍ୱ ଅର୍ଥନୀତିରେ ଆମେରିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆମେରିକା ଅନ୍ୟ ଦେଶର ଅର୍ଥନୀତିକୁ ସଫଳ କରିବାରେ ସାହାଯ୍ୟ କରେ। କିଛି ଦେଶ ନିଜକୁ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ଭାବନ୍ତି, କିନ୍ତୁ ସେମାନଙ୍କ ସଫଳତାରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେଣୁ, ବିଶ୍ୱର ଅନ୍ୟ ଦେଶ ତୁଳନାରେ ଆମେରିକାରେ ସୁଧ ହାର ସବୁଠାରୁ କମ୍ ହେବା ଉଚିତ୍। ଟ୍ରମ୍ପଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆମେରିକାର ମୁଦ୍ରାସ୍ଫୀତି ଫେଡେରାଲ ରିଜର୍ଭଙ୍କ ୨ ପ୍ରତିଶତ ଲକ୍ଷ୍ୟଠାରୁ ଅଧିକ ରହିଛି। ଉପଲବ୍ଧ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବରରେ ବ୍ୟକ୍ତିଗତ ବ୍ୟବହାର ଖର୍ଚ୍ଚ (ପିସିଇ)ମୁଦ୍ରାସ୍ଫୀତି ୩.୬ ପ୍ରତିଶତ ଥିଲା। ଖାଦ୍ୟ ଏବଂ ଶକ୍ତି ମୂଲ୍ୟକୁ ବାଦ ଦେଇ କୋର ପିସିଇ ମୁଦ୍ରାସ୍ଫୀତି ୩.୧ ପ୍ରତିଶତ ରେକର୍ଡ କରାଯାଇଛି। ଫେଡେରାଲ ରିଜର୍ଭ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ସୁଧ ହାର ବ୍ୟବହାର କରିଥାଏ। ଟ୍ରମ୍ପ ନିରନ୍ତର ଏହାର ନୀତିଗୁଡ଼ିକୁ ସମାଲୋଚନା କରିଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟଫ୍ ମ୍ୟାନ୍ ବୋଲି କହି ପ୍ରଶଂସା ମଧ୍ୟ କରିଥିଲେ, ଏବେ ସେ ଭାରତୀୟ ଅର୍ଥନୀତିକୁ ପ୍ରଶଂସା କରିଛନ୍ତି।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ପାଠ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏହି ପାଠକୁ ନେଇ କେଉଁ କାଳୁ କେତେ କଳ୍ପନା ଚାଲିଛି ତାର ଆଦି ଅନ୍ତ ମଧ୍ୟ ନାହିଁ। ତେଣୁ ହେ ସୁଧିଜନ ପ୍ରଥମେ ବିଚାରକୁ ନିଅ ଏ ପାଠ କଣ? ପାଠ ହେଉଛି ଦୁଇଟି ଅକ୍ଷର(୧) ପା (୨) ଠ ପାଦଠାରୁ ମସ୍ତକକୁ ବୁଝାଯାଏ । ଏହି ପାଠର ଦୂରତ୍ୱ ହେଉଛି ଚଉରାଶି ଆଙ୍ଗୁଳ ବା ତିନି ହାତେ ଅଧୋ ପା ଠାରୁ ଠ ପର୍ଯ୍ୟନ୍ତ ପଚାଶ ଦଳ ପଦ୍ମ ପାଖୁଡା ଭିତରେ ଆତ୍ମାର ଅବସ୍ଥିତି ଏବଂ ତା ଭିତରେ ଜୀବ ପରମ ଦୁଇଟି ପକ୍ଷୀ ବାସ କରି ସଦାସର୍ବଦା ହଂସ ସୂତ୍ରରେ ନିଜକୁ ହଜାଇ ଦେଇଥାନ୍ତି ଏବଂ ପ୍ରତ୍ୟେହ ଏକୋଇଶି ହଜାର ଛଅ ଶହ ଅଜପା ସୂତ୍ରକୁ ଧରି ସେ ତାଙ୍କର ଗତି କରୁଥାଆନ୍ତି । ତେଣୁ ଜୀବ ଯେତେବେଳେ ଏହି ପାଠ ଭିତରେ ମନକୁ ପୁରାଇଦିଏ ସେତେବେଳେ ଜିବ ଶିବ ପାଲଟିଯାଏ । ସେତେବେଳେ ସେ କୁହେ ସୋହଂ ଏହାହିଁ ପ୍ରକୃତ ପାଠ ଏହାହିଁ ଜଗତରେ କଲ୍ୟାଣ କର ସୋପାନ । ଏହି ସୋପାନ ରେ ଯେ ଉପନୀତ ହୁଏ ସେହିଁ ପ୍ରକୃତ ବ୍ରହ୍ମଜ୍ଞାନୀ ବା ପରମହଂସ ପଦବୀର ଅଧିକାରୀ ସାରା ବିଶ୍ୱର ସେ ତ୍ରାଣ କର୍ତ୍ତା ବା ପ୍ରାଣକର୍ତ୍ତା ଏହାହିଁ ପ୍ରକୃତ ପାଠର ରହସ୍ୟ । କିନ୍ତୁ ଆଜି କାଲିର ପାଠ ସେ ବୈଶୟିକ ବିଦ୍ୟା,ରୋଜଗାରର ପନ୍ଥା । ପାଠ ଓ ବିଦ୍ୟା ଭିତରେ ଆକାଶ ପାତାଳର ପ୍ରଭେଦ । ତେଣୁ ପାଠ କହୁଛି ମଲାବେଳକୁ ଛଖଣ୍ଡ ବାଉଁଶ ସେ ଛଅଖଣ୍ଡ ବାଉଁଶ ହେଉଛି ପା ଠାରୁ ଠ ପର୍ଯ୍ୟନ୍ତ ଷଡଚକ୍ର । ବ୍ରହ୍ମ ପାଇବାର ମାର୍ଗ, ଏହାହିଁ ଜୀବର ଧର୍ମ ଏବଂ ଏହାହିଁ ପାଠ । ହରିଓଁ ।

◆◆



ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଶୈବପୀଠ ଧବଳେଶ୍ୱର : ବଡ଼ଓଷାର ମହାତ୍ମ୍ୟ

ଦେବଦେବ ଶ୍ରୀଜଗନ୍ନାଥଙ୍କ ଭୂମି ଓଡ଼ିଶା। ସାରା ଭାରତବର୍ଷରେ ଏହା ପୁଣ୍ୟତମ ଭୂମି ଭାବେ ଅଭିହିତ। ଓଡ଼ିଆମାନଙ୍କର ଜାତୀୟ ଜୀବନ, ସାମାଜିକ ପରମ୍ପରା, ଧର୍ମ, ସାହିତ୍ୟ, ସଂସ୍କୃତି - ସବୁ ମୁଣ୍ଡ ଟେକିଛି ସେଇ ଜଗନ୍ନାଥଙ୍କୁ ନେଇ। କ୍ରମବର୍ଦ୍ଧମାନ ସମୟ। ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ବୈଷ୍ଣବ, ଶାକ୍ତ, ଗାଣପତ୍ୟ, ସୌର ଆଦି ନାନା ଧର୍ମ ମୁଣ୍ଡ ଟେକିଛି। ମାତ୍ର ସବୁ ଧର୍ମୀୟ ବିଶ୍ୱାସ, ଉପାସନା ପଦ୍ଧତି ଜଗନ୍ନାଥଙ୍କ ଉପରେ ଆରୋପିତ। ଜଗନ୍ନାଥ ଧର୍ମ ଏକ ବହୁମତ, ବହୁ ବାଦ ସମନ୍ୱିତ ଧର୍ମ। ତାଙ୍କରି ପୀଠରେ ପାଳିତ ବାରମାସରେ ତେର ଯାତ। ଏଥି ସହିତ ପର୍ବପର୍ବାଣି, ଓଷା, ବ୍ରତ ବି। ଏ ସମସ୍ତ ଓଡ଼ିଶା ଧର୍ମଧାରାର ଅଂଶବିଶେଷ। ସବୁ ପର୍ବପର୍ବାଣୀର ମଧ୍ୟ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ। ଉକ୍ତ ଦିବସ ଗୁଡ଼ିକ ପବିତ୍ର ଦିବସ ରୂପେ ଗଣ୍ୟ। ଓଷାବ୍ରତ, ପର୍ବପର୍ବାଣିର ଦିନ, ବାର, କାଳ; ପଞ୍ଜିକା ଦ୍ୱାରା ନିର୍ଦ୍ଧାରିତ। ପୁରୀ ମୁକ୍ତିମଣ୍ଡପର ପଣ୍ଡିତ ସଭା, ମହାନ ଜ୍ୟୋତିର୍ବିଦଙ୍କର ସହମତି ରହେ, ପଞ୍ଜିକା ପ୍ରସ୍ତୁତ ହୁଏ। ତିଥି ବାର, ଗ୍ରହ, ନକ୍ଷତ୍ର, ମାହେନ୍ଦ୍ର, ଅମୃତବେଳା, ଅଶୁଦ୍ଧିକାଳ - ସବୁ ପଞ୍ଜିକାରେ ନିର୍ଦ୍ଧାରିତ। ତଦନୁଯାୟୀ ପର୍ବପର୍ବାଣି ପାଳିତ। ଯାତ୍ରା ଏକ ପର୍ବ ପାଳନର ପରିପ୍ରକାଶ। ଓଷାବ୍ରତ ମଧ୍ୟ ପର୍ବପାଳନର ଏକ ଅଭିବ୍ୟକ୍ତି। ଏହାର ପରମ୍ପରା ଅତି ପ୍ରାଚୀନ। ବୈଦିକ ଯୁଗରୁ ଓଷା, ବ୍ରତ ପାଳିତ ହୋଇଆସୁଛି। କାର୍ଯ୍ୟସିଦ୍ଧି, ମନସ୍କାମନା ପୂର୍ଣ୍ଣ, ଏଥି ପାଇଁ ଦେବଦେବୀଙ୍କ ନିକଟରେ ବିଭିନ୍ନ ପ୍ରକାର ମାନସିକ କରାଗଲା, ଓଷାବ୍ରତ ପାଇଁ ବିଧି ବିଧାନ ବ୍ୟବସ୍ଥା ହେଲା। ଆର୍ଯ୍ୟ, ଆର୍ଯ୍ୟେତର ଉଭୟ ଜାତିଙ୍କ ଦେବତା ଓଷାବ୍ରତରେ ଉପାସିତ ହେଲେ। ଓଡ଼ିଶାରେ ବି ନାନାଦି ଓଷାବ୍ରତ ପାଳିତ। ତନ୍ମଧ୍ୟରୁ ଧବଳେଶ୍ୱର ଓଷା (ବଡ଼ ଓଷା) ଅତୀବ ଗୁରୁତ୍ୱପୂର୍ଣ୍ଣ। ଏଇ ଓଷା ମୁଖ୍ୟତଃ କଟକ, ଢେଙ୍କାନାଳ ଜିଲ୍ଲାରେ ପାଳିତ ହୁଏ। ବାବା ଧବଳେଶ୍ୱର ଏହାର ଉପାସ୍ୟ ଦେବତା। ସାଧାରଣତଃ ଶିବ ସଂହାରକର୍ତ୍ତା ଭାବେ ଗୃହୀତ। ଏହା ସତ୍ତ୍ୱେ ସେ ମଙ୍ଗଳ ପ୍ରଦାୟୀ, ଅଭୟ ଦାୟୀ। ଧର୍ମ, ଅର୍ଥ, କାମ, ମୋକ୍ଷ - ଏଇ ଚତୁର୍ବର୍ଗ ପ୍ରଚଳ ସେ ପ୍ରଦାନ କରନ୍ତି। ଶିବ ମହାପ୍ରତାପୀ, ଯୋଗୀଶ୍ରେଷ୍ଠ। ତାଙ୍କୁ ନେଇ ଲିଙ୍ଗ ଉପାସନା। ଭାରତର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ତନ୍ମଧ୍ୟରୁ ଧବଳେଶ୍ୱର ଅନ୍ୟତମ। ତାଙ୍କରି ପୀଠରେ ବଡ଼ଓଷା ପାଳିତ ହୁଏ। ଏହା ଧବଳେଶ୍ୱର ଓଷା ଭାବେ ଖ୍ୟାତ। କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥି। ଏହି ଦିନଟି ବଡ଼ ଓଷା ପାଇଁ ନିର୍ଦ୍ଧାରିତ।

ଓଷା ଶବ୍ଦଟି ଉପବାସ ଶବ୍ଦରୁ ଆନୀତ। ଉପାସ ଶବ୍ଦର ଅର୍ଥ (ଉପ ନିକଟରେ) + ବାସ (ବାସ କରିବା)। ଓଷେଇତି, ବ୍ରତଚାରୀ ବା ବ୍ରତଚାରିଣୀ, ନିଜର ଆରାଧ୍ୟ ଦେବତାଙ୍କ ନିକଟରେ ବାସ କରନ୍ତି। ଇଚ୍ଛାପୂରଣ ପାଇଁ ପ୍ରାର୍ଥନା କରନ୍ତି। ସେତେବେଳେ ଏହାକୁ ଉପବାସ କୁହାଯାଏ। ଏହା ଏକ ଧାର୍ମିକ ବିଧି। ଉପବାସର ନାନାଦି ସୋପାନ। ଯଥା - ଉପବସ୍ତୁ, ଉପଷୋଷିତ, ଉପପୋଷଣ, ଔପବସ୍ତ ଇତ୍ୟାଦି। ପୁରାଣ ଯୁଗରୁ ଓଷାବ୍ରତର ନୀତି ନିୟମ ବର୍ଣ୍ଣିତ।

ଧବଳେଶ୍ୱର ଶିବଙ୍କର ପ୍ରତିମୂର୍ତ୍ତି ନୁହଁନ୍ତି। ସେ ଲିଙ୍ଗରୂପେ ଅଧିଷ୍ଠିତ। ସେ ବଳଦେବଙ୍କ ପ୍ରତୀକ। ବଳଦେବ ଜଗନ୍ନାଥଙ୍କ ବଡ଼ଭାଇ। ତାଙ୍କରି ଓଷା ବା ଧବଳେଶ୍ୱର ଓଷା। ଏହା ବଡ଼ଓଷା। ମଙ୍ଗଳଦାୟକ ଶିବ ବହୁ ଭାବରେ ବିଦିତ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, କାଶୀ ବିଶ୍ୱନାଥ, ଅମରନାଥ, ଶ୍ରୀଲୋକନାଥ, ଲିଙ୍ଗରାଜ ଆଦି ପ୍ରସିଦ୍ଧ ଶୈବପୀଠ। ସେହିପରି ଧବଳେଶ୍ୱର ପୀଠ। ଓଡ଼ିଶାରେ ପ୍ରବାହିତ ପୁଣ୍ୟତୋୟା ମହାନଦୀ, ଏହାର କୂଳେ କୂଳେ ଅନେକ ଶିବ ମନ୍ଦିର। ତନ୍ମଧ୍ୟରୁ ପୁଣ୍ୟପୀଠ ଧବଳେଶ୍ୱର ଅନ୍ୟତମ। ତାଙ୍କୁ ନେଇ ବଡ଼ଓଷା ପର୍ବ। ଲକ୍ଷଲକ୍ଷ ଓଡ଼ିଆଙ୍କ ଧର୍ମୀୟ ଭାବନାର ଏହା ପ୍ରତୀକ। କଟକ ଜିଲ୍ଲା, ଆଠଗଡ଼ ଉପଖଣ୍ଡ। ମହାନଦୀ କୂଳରେ ମଂଚେଶ୍ୱର ଗ୍ରାମ। ତତ୍ ସନ୍ନିକଟ ମହାନଦୀ ପଠା, ବିରାଜମାନ ଶିବଲିଙ୍ଗ ଧବଳେଶ୍ୱର। କଟକ ମହାନଗର ଠାରୁ ମାତ୍ର ୨୭ କି.ମି. ଦୂର। ଚଉଦ୍ୱାର ଦେଇ ଯିବାକୁ ହୁଏ। ମହାନଦୀର ଚହଟାଘାଟ, ସେଠାରୁ ଲଞ୍ଚ, ଫେରି ବୋଟ୍ ଯୋଗେ ପୀଠକୁ ଯିବା ସୁବିଧା ରହିଛି। ମଞ୍ଜେଶ୍ୱର ଗ୍ରାମ ନଦୀ ତଟରୁ, ଧବଳେଶ୍ୱର ପୀଠ, ତନ୍ମଧ୍ୟରେ ମହାନଦୀ। ମହାନଦୀ ଉପରେ ନିର୍ମିତ ଗୋଟେ ଝୁଲା ପୋଲ। ଏହାର ଦୈର୍ଘ୍ୟ ୨୪୫ ଫୁଟ୍। କେବଳ ପାଦରେ ଯିବାକୁ ହୁଏ। ଯାନବାହାନ ଚଳାଚଳ ପାଇଁ ଏହା ଉଦ୍ଦିଷ୍ଟ ନୁହେଁ। ଷୋଡ଼ଶ ଶତାବ୍ଦୀରେ ଧବଳେଶ୍ୱର ମନ୍ଦିରଟି ନିର୍ମିତ। ରାଜା ପ୍ରତାପରୁଦ୍ର ଦେବ ଏ ଦେଉଳ ତୋଳିଛନ୍ତି। ଏକଥାଟି କେହି କେହି କହନ୍ତି। ମାତ୍ର ଏହା ୧୦ମ/୧୧ଶ ଶତାବ୍ଦୀରେ ଏହା ନିର୍ମିତ। ଓ୍ୱିକିପିଡ଼ିଆ ଏ ତଥ୍ୟଟି ପ୍ରଦାନ କରେ। ଆଜିର ଧବଳେଶ୍ୱର ମନ୍ଦିର ସମ୍ପର୍କିତ ଐତିହାସିକ ତଥ୍ୟଟେ। ଖୋର୍ଦ୍ଧରାଜା ବୀରକିଶୋର, ଏକଦା ଶିକାରରେ ବାହାରିଲେ। ସାଥିରେ ସୈନ୍ୟସାମନ୍ତ। ରାଜା ଶିକାର ପଛରେ ଧାବିତ। ଆଖିରେ ପଡ଼ିଲା ଭଗ୍ନପ୍ରାୟ ମନ୍ଦିରଟେ। ମନ୍ଦିରର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଲେ। ତିନିଶହ ଚଉଦ ଏକର ଜମି ଖଞ୍ଜା କରିଦେଲେ। ଜଣେ ମାଳି ମନ୍ଦିର ଦାୟିତ୍ୱରେ ରହିଲେ। ସେ ମାଳିଙ୍କର ପରିବାର, ପରବର୍ତ୍ତୀ ସମୟରେ ମାଳିସାଇ ଭାବେ ପରିଚିତ। ମନ୍ଦିର ଯିବା ରାସ୍ତାରେ ଏ ସାଇଟି ଆଖିରେ ପଡ଼େ। ମନ୍ଦିରଟିର ପୁନରୁଦ୍ଧାର କାଳ ୧୧୫୩ ଶାକ ଏରା (୧୨୩୨ ଖ୍ରୀ.ଅ.)। ଆଜିର ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପରେ। କର୍ତ୍ତୃପକ୍ଷ ମଧ୍ୟ ମନ୍ଦିରଟିକୁ ସର୍ବାଙ୍ଗ ସୁନ୍ଦର କରିଥିଲେ। ପୂର୍ଣ୍ଣଚନ୍ଦ୍ର ପଣ୍ଡା ହେଉଛନ୍ତି ମୁଖ୍ୟ ପୂଜକ।

ଧବଳେଶ୍ୱର ମନ୍ଦିର ଉଚ୍ଚତା ୭୫ ଫୁଟ୍। ମହାନଦୀ ଟାପୁରେ ଏହା ନିର୍ମିତ। ଗର୍ଭଗୃହରେ ଅନନ୍ତ ନାଗ, ଧବଳେଶ୍ୱର ସ୍ୱୟମ୍ଭୁଲିଙ୍ଗ, ଦ୍ୱାରଦେଶରେ ବୃଷଭ, ପଶ୍ଚାତ୍ ଭାଗରେ ନଦୀ, ମହାକାଳ। ମନ୍ଦିର ପରିସରରେ ଶ୍ରୀରାମ, ଶ୍ରୀକୃଷ୍ଣ ମନ୍ଦିର, ବେଢ଼ାକାଳୀ ମନ୍ଦିର ମଧ୍ୟ ବିରାଜିତ। ପୀଠରେ ପୂର୍ବରୁ ଅନନ୍ତ ବାସୁଦେବଙ୍କ ପୂଜାର୍ଚ୍ଚନା ହେଉଥିଲା। ପ୍ରତ୍ୟହ ଜୟମଙ୍ଗଳ ଆରତି। ତା'ପରେ ଠାକୁରଙ୍କ ମାଜଣା, ଦି' ପହରରେ ଅନ୍ନଭୋଗ, ପହୁଡ଼। ଅପରାହ୍ଣରେ ଟେରାପଣା, ସନ୍ଧ୍ୟାରେ ସନ୍ଧ୍ୟାଳ ଆଳତି। ରାତିରେ ବଡ଼ସିଂହାର ଭୋଗ। ଏସବୁ ପୀଠରେ ନିତ୍ୟ ନୈମିତ୍ତିକ ଉପାସନା ରୀତିନୀତି।

ଧବଳେଶ୍ୱର ମନ୍ଦିର ସମ୍ପର୍କିତ ନାନାଦି ଲୋକକଥା, କିମ୍ବଦନ୍ତୀ। ପୁରାଣ କାହାଣୀ ବି ଲୋକମୁଖରେ ଉଜ୍ଜୀବିତ। କଥାଟି ଅତିରୋଚକ। ଶଚିପତି ଇନ୍ଦ୍ର। ଦୁର୍ଦ୍ଦାନ୍ତ ରାକ୍ଷସଟେ। ତାଙ୍କ ସହ ସ୍ୱର୍ଗରେ ଘୋର ରଣ କଲା। ଇନ୍ଦ୍ର ତାଙ୍କୁ ବଧ କଲେ। ରାକ୍ଷସ ହତ୍ୟା ଅପରାଧ ଯୁକ୍ତ ହେଲେ। ବ୍ରହ୍ମା ଅଭିଶାପ ଦେଲେ। ଇନ୍ଦ୍ର ହରାଇଲେ ତାଙ୍କର ସମସ୍ତ ଶକ୍ତି, ସାମର୍ଥ୍ୟ। ଇନ୍ଦ୍ର ଦେବଗୁରୁଙ୍କୁ ଭେଟିଲେ। ତାଙ୍କ ଦ୍ୱାରା ଆଦିଷ୍ଟ ହେଲେ। ମହାନଦୀର ଉତ୍ତର ତଟ, ସେଇଠାରେ ମହାନଦୀ ସ୍ନାନ କଲେ। ତାଙ୍କ ପାତକ ନାଶ ହେଲା। ଫେରି ପାଇଲେ ପୂର୍ବଶକ୍ତି। ଭକ୍ତିପୂର୍ବକ ଶିବଲିଙ୍ଗଟିଏ ସ୍ଥାପନ କଲେ। ତାହା ଐନ୍ଦ୍ର ଶିବଲିଙ୍ଗ। ଏକ ଶିଳାଖଣ୍ଡ ଉପରେ ବିରାଜିତ। ବହୁ ବର୍ଷ ବିତିଲା। ଲିଙ୍ଗ ଉପରେ ମାଟିକୁଦ ପାଲଟିଗଲା। ଗଉଡ଼ର ଗାଈଟେ। ନିତି ପଠାକୁ ଯାଏ ଚରିବାକୁ। ତା' ପହ୍ନାରୁ ସ୍ରବେ ଦୁଗ୍ଧ, ତାହା ପୁଣି ସମାଧିସ୍ଥ ଲିଙ୍ଗ ଉପରେ। ଗାଦିର ମହିମା ଗଉଡ଼ ବୁଝିଲା। କ୍ରମେ ସମ୍ବାଦ ଚହଟି ଗଲା। ରାଜା ପ୍ରତାପରୁଦ୍ରଦେବ, ସେ ସ୍ଥାନ ଖୋଳାଇଲେ। ଶିବଲିଙ୍ଗ ଆବିଷ୍କାର କଲେ। ଗର୍ତ୍ତ ଲେ ମନ୍ଦିରଟେ। ପୂଜାର୍ଚ୍ଚନା ଆରମ୍ଭ କଲେ। ଏକଥାଟି କିମ୍ବଦନ୍ତୀ ପ୍ରାୟ ମନେ ହୋଇଥାଏ। ଧବଳେଶ୍ୱରଙ୍କ ବଡ଼ ଓଷା ପ୍ରସଙ୍ଗ। ଏଥିରେ ମଧ୍ୟ ସ୍ମରଣୀୟ ତଥ୍ୟଟେ ନିହିତ। ରାଜା କୁଡୁଙ୍କୁ ବିବାହ କଲେ ନାଗ ରାଜକନ୍ୟା ହରପ୍ରିୟା। ଉଭୟ ରତି ସୁଖରେ ବିଭୋର ହେଲେ। ରାଜ୍ୟରେ ଅରାଜକତା ସୃଷ୍ଟି ହେଲା। ରାଜ୍ୟକୁ ଶତ୍ରୁରାଜା ଅଧିକାର କଲେ। ଉଭୟ ରାଜାରାଣୀ ବନବାସ କଲେ। ଶିବ ଚତୁର୍ଦ୍ଦଶୀ ତିଥି। ସନ୍ନ୍ୟାସୀ ଜଣେ ରାଜାଙ୍କୁ କେତକୀ ଫୁଲ ଦେଲେ। ଶିବଙ୍କୁ ଲାଗି କରିବାକୁ କହିଲେ। ମଦମତ୍ତ ରାଜା, କେତକୀ ଫୁଲ ଖୋସିଦେଲେ ରାଣୀଙ୍କ ଗଭାରେ। ସନ୍ନ୍ୟାସୀ ଅଭିଶାପ ଦେଲେ। ରାଜା ହେଲେ ଚଳିତ କୁଷ୍ଠ ବ୍ୟାଧିଗ୍ରସ୍ତ। ତାଙ୍କର ଚେତନା ଉଦୟ ହେଲା। ସମୟକ୍ରମେ ଆଉ ଜଣେ ସନ୍ନ୍ୟାସୀ ଦେଖାହେଲେ। ବଡ଼ଓଷା କରିବାକୁ ରାଜାଙ୍କୁ ଉପଦେଶ ଦେଲେ। ରାଜା ବିଧି ମତେ ତାହା ପାଳନ କଲେ। କାର୍ତ୍ତିକ ଚତୁର୍ଦ୍ଦଶୀରେ ଧବଳେଶ୍ୱର ପୀଠରେ ବୁଡ଼ ପକାଇଲେ। ଶିବଙ୍କ କୃପା ବର୍ଷିଲା। ରାଜାହେଲେ ବ୍ୟାଧିମୁକ୍ତ। ରାଜ୍ୟ ଫେରି ପାଇଲେ, ସୁଖରେ ଯୁଗ ରାଜତ୍ୱ କଲେ।

ଧବଳେଶ୍ୱରଙ୍କ ନାମକୁ ନେଇ ଆଉ ଏକ କିମ୍ବଦନ୍ତୀ। ଜଣେ ବ୍ରାହ୍ମଣର ଥାଏ କଳା ମଚମଚ ଅଣ୍ଡିରା ବାଛୁରୀଟେ। ତା' ପ୍ରତି ବାଟୋଇର ଲୋଭ ବଳିଲା। ଗାମୁଛାକାନୀରେ ବାଛୁରୀ ବେକକୁ ବାନ୍ଧିଦେଲା। ଚୋରି କରି ନେଇଗଲା। ପଛରେ ଗ୍ରାମବାସୀଙ୍କ ହୋ ହାଲ୍ଲା। ଚୋର ବାଛୁରୀକୁ ମନ୍ଦିର ଭିତରେ ରଖି କବାଟ କିଳିଦେଲା। ବାହାରେ ଜନଗହଳି, ବାଛୁରୀଟି ହମ୍ବା ରଡ଼ି କଲା। ଚୋରର ହୋସ୍ ଉଡ଼ିଲା। ପ୍ରଭୁଙ୍କୁ କାତର ନିବେଦନ କଲା। ଅନ୍ତର୍ଯ୍ୟାମୀ ଭୋଳାନାଥ। ତା' ଦୟିନୀ ଶୁଣିଲେ। ସନ୍ନ୍ୟାସୀ ବେଶରେ ଉଭା ହେଲେ। ମନ୍ଦିର ମଧ୍ୟରୁ ବାଛୁରୀକୁ ଅଣାଗଲା। ସମସ୍ତେ ଆଚମ୍ବିତ। କଳାନୁହେଁ ବାଛୁରୀ ବର୍ଣ୍ଣ ଧଳା। ସନ୍ନ୍ୟାସୀ ଅଦୃଶ୍ୟ ହେଇଗଲେ। ଚୋରଟି ସବୁକଥା ବଖାଣିଲା। ଶେଷ ଜୀବନ ଯାଏ ପ୍ରଭୁଙ୍କ ସେବା କଲା। ଫିସନ ବିପଦ ଗଂଜନ ଶମ୍ଭୁନାଥଙ୍କ ମେଳା ଆରମ୍ଭ କଲା। ଶିବଶମ୍ଭୁ ଧବଳେଶ୍ୱର ନାମ ବହିଲେ। ଏ ପ୍ରସଙ୍ଗଟି ଧବଳେଶ୍ୱର ମେଳା ପୁସ୍ତିକାର ଅଂଶବିଶେଷ - "ଧନ୍ୟ ଧବଳେଶ୍ୱର ନାମ / ଅତି ପବିତ୍ର ପୁଣ୍ୟ ଧାମ। ମହିମାବଳେ ଅବତରି / କଳାଗୋରୁକୁ ଧଳା କରି, ନାମ ହୋଇଲା ଧବଳେଶ୍ୱର / ସୁଯଶ ହୋଇଛି ବିସ୍ତାର।" ଏବେ ବି ବିଷ୍ଣୁ ଖଣ୍ଡନ ପାଇଁ ଗାଁ ଗାଁକି ଧବଳେଶ୍ୱର ମେଳା, ଏହାର ପ୍ରସିଦ୍ଧି ଅତୁଟ ରହିଛି।

ଧବଳେଶ୍ୱର ପୀଠ। ଏହାର ମହିମା ଚୌଦିଗେ ଖ୍ୟାତ। ମହାଶିବରାତ୍ରି, ପୁଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମାରେ ପୀଠଟି ହୁଏ ଉତ୍ସବମୁଖର। ମାତ୍ର ବଡ଼ଓଷାର ପ୍ରସିଦ୍ଧି ଅତି ଗୁରୁତ୍ୱପୂର୍ଣ୍ଣ। ପୁଣ୍ୟ ମାସ କାର୍ତ୍ତିକ। ମାସସାରା ସାତ୍ତ୍ୱିକ ଆହାର। ମାସର ଦଶମୀରୁ ପଞ୍ଚମୀ, ପଞ୍ଚୁକବ୍ରତ ପାଳିତ ହ

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୨୩ ନଭେମ୍ବର, ୨୦୨୬ ସୋମବାର



୩୨୬ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ:ଧାନ ନଡ଼ାରୁ ମିଳିବ ନୂଆ ରୋଜଗାରର ସୁଯୋଗ

କଟକ, ନ୍ୟୁଜ୍ ବ୍ୟୁରୋ

କୃଷି ଅବଶିଷ୍ଟକୁ ଅଦରକାରୀ ଭାବେ ନଦେଖି ଏହାକୁ ମୂଲ୍ୟବାନ ସମ୍ପଦରେ ପରିଣତ କରିବା ସହ ପରିବେଶ ଅନୁକୂଳ ଓ ସ୍ଥାୟୀ କୃଷିର ପ୍ରସାର ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇସିଏଆର-ସିଆରଆରଆଇ), କଟକ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସହଯୋଗରେ OIIPCRA ପ୍ରକଳ୍ପ ଅଧୀନରେ ୧୪ଟି ପର୍ଯ୍ୟାୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ୍ ୩୨୬ ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣରେ ଧାନ ନଡ଼ାର ବୈଜ୍ଞାନିକ ପରିଚାଳନା, ଆଧୁନିକ ଜ୍ଞାନକୌଶଳ ଏବଂ ଏହାର ବ୍ୟବହାରିକ ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଧାନ ନଡ଼ାରୁ ଜୈବିକ ଖତ ପ୍ରସ୍ତୁତି, ଅଣୁଜୀବ ଆଧାରିତ ନଡ଼ା ବିଘଟନ ଏବଂ ପରିବେଶ ଅନୁକୂଳ ଜୈବ ଅବକ୍ଷୟଶୀଳ ପେଲେଟ୍ ଉତ୍ପାଦନ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ପ୍ରାୟୋଗିକ ଜ୍ଞାନ ଦିଆଯାଇଛି। ଏଥିସହ ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ଓ କୃଷି ଅବଶିଷ୍ଟରୁ ଉଦ୍ୟୋଗ ସୃଷ୍ଟି ସମ୍ପର୍କରେ ମଧ୍ୟ ତାଲିମ ଦିଆଯାଇଛି। ପ୍ରକଳ୍ପ ଅଧୀନରେ ଓଡ଼ିଶାର ୧୫ଟି ଜିଲ୍ଲାର ପ୍ରାୟ ୭,୫୦୦ ହେକ୍ଟର ଜମିରେ ଧାନ ନଡ଼ାର ସୁପରିଚାଳନା ସହ ଏହାକୁ ଜୈବିକ ଖତରେ ପରିଣତ କରିବାର ଲକ୍ଷ୍ୟ ରହିଛି। ଏହାସହ ଧାନ ନଡ଼ା ଆଧାରିତ ଉଦ୍ୟୋଗ ମାଧ୍ୟମରେ ୧୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ଭାବେ ସଶକ୍ତ କରିବାକୁ ଯୋଜନା କରାଯାଇଛି। ପ୍ରଶିକ୍ଷଣ ପରେ ଅଂଶଗ୍ରହଣକାରୀଙ୍କ ଜ୍ଞାନସ୍ତର ୫୬ ପ୍ରତିଶତରୁ ବୃଦ୍ଧି ପାଇ ୮୦ ପ୍ରତିଶତରେ ପହଞ୍ଚିଛି। ସେହିପରି ୯୩ ପ୍ରତିଶତ ଅଂଶଗ୍ରହଣକାରୀ ନିଜ ଜମିରେ ଧାନ ନଡ଼ା ଅବଶିଷ୍ଟ ପରିଚାଳନା ପଦ୍ଧତି ଆପଣାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଧ୍ୟ ଧାନ ନଡ଼ାରୁ ଜୈବ ଅବକ୍ଷୟଶୀଳ ପେଲେଟ୍ ଓ ଜୈବିକ ଖତ ଉତ୍ପାଦନକୁ ଆୟବର୍ଦ୍ଧକ ଉଦ୍ୟୋଗ ଭାବେ ଗ୍ରହଣ କରିବାକୁ ଆଗ୍ରହ ଦେଖାଇଛନ୍ତି। ତେବେ ଏହି ଉତ୍ପାଦଗୁଡ଼ିକର ବାଣିଜ୍ୟିକ ସଫଳତା ପାଇଁ ଉପଯୁକ୍ତ ବଜାର ସଂଯୋଗ, ବିପଣନ ବ୍ୟବସ୍ଥା ଓ ଉତ୍ପାଦ କ୍ରୟର ସୁନିଶ୍ଚିତତା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରକଳ୍ପର ମୁଖ୍ୟ ଗବେଷକ ଡ. ପି. ପନ୍ନୀରସେଲଭମ୍ ଏବଂ ଫସଲ ଉତ୍ପାଦନ ବିଭାଗର ମୁଖ୍ୟ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନୁଷ୍ଠାନର ବୈଜ୍ଞାନିକ ଦଳ ସମନ୍ୱୟ ଓ ପରିଚାଳନା କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଫସଲ ଅବଶିଷ୍ଟ ପୋଡ଼ିବା ହ୍ରାସ ପାଇବା ସହ ମୃତ୍ତିକାର ଉର୍ବରତା ଓ ଜୈବିକ ଅଙ୍ଗାରକର ପରିମାଣ ବୃଦ୍ଧି, ପରିବେଶ ସୁରକ୍ଷା ଏବଂ ଗ୍ରାମାଞ୍ଚଳରେ ନୂତନ ରୋଜଗାର ସୃଷ୍ଟି ହେବାର ଆଶା ରହିଛି। ଧାନ ନଡ଼ାକୁ ଅବହେଳିତ କୃଷି ଅବଶିଷ୍ଟ ପରିବର୍ତ୍ତେ ଏକ ମୂଲ୍ୟବାନ ସମ୍ପଦରେ ପରିଣତ କରିବା ହିଁ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

ସାମ୍ବାଦିକଙ୍କ କଲମର ଶକ୍ତି ସମାଜରେ ପରିବର୍ତ୍ତନ ଆଣିବାରେ ସହାୟକ ହୁଏ

ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଜଳେଶ୍ୱରରେ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଅବସରରେ ଦ୍ୱିତୀୟ ସନ୍ଧ୍ୟାର ଉଦ୍ଘାଟନ ଉତ୍ସବ ସ୍ଥାନୀୟ ବାସନ୍ତୀ ପଡ଼ିଆ ପରିସରରେ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଆମର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା କରିଥିବା ବେଳେ ସାମ୍ବାଦିକ ତଥା କାର୍ଯ୍ୟକାରୀ ସଂପାଦକ ମନୋଜ କୁମାର ଭୂୟାଁ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଜଳେଶ୍ୱର ଏଡିପିଓ ସୁରେଶ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ତହସିଲଦାର ସତ୍ୟଜିତ ମହାନ୍ତି ସମ୍ମାନୀତ ଅତିଥି ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ସଂଘର ଉପଦେଷ୍ଟା ତଥା ଅଧ୍ୟାପକ କେଦାରନାଥ ମହାନ୍ତି ତାଙ୍କ ବକ୍ତବ୍ୟରେ ସାମ୍ବାଦିକ ମାନଙ୍କ ଦୈନ ଦିନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହିତ ସମାଜକୁ ପରିବର୍ତ୍ତନ କରିବା ତଥା ସାମ୍ବାଦିକ ଏକ ଦର୍ପଣ ବୋଲି ତାଙ୍କ ବହୁ ମୂଲ୍ୟବାନ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଏସ୍‌ଡିପିଓ ଶ୍ରୀ ତ୍ରିପାଠୀ ସାମ୍ବାଦିକମାନେ ସମ୍ପୃକ୍ତ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ କରିବା ତଥା ନିଷ୍ଠାର ସହ କାର୍ଯ୍ୟ କରିବା ଦରକାର। କାହାରି ପ୍ରରୋଚନାରେ ବଶବର୍ତ୍ତୀ ନହେବା ଦରକାର। କିନ୍ତୁ ଆପଣମାନଙ୍କ ସୁରକ୍ଷା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଉକ୍ତ ଉତ୍ସବରେ ରାଜେଶ କୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିବା ବେଳେ ବିନୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସମସ୍ତ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ତତ୍‌ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସରପଞ୍ଚ ତଥା ସମାଜସେବୀ ସୁବିନୀତା ଦତ୍ତ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ସମାଜସେବୀ ଅଳକା ଜେନା, ଲେଲିନ ପ୍ରଧାନ, ରାଜୀବ କୁମାର ପରିଡ଼ା, ଶିକ୍ଷାବିତ୍ ଆଦିକନ୍ଦ ଦାସ ଅଧିକାରୀ ଏବଂ ବିଶିଷ୍ଟ ବ୍ୟବସାୟୀ ସରୋଜ କୁମାର ଦେଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୋପବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ସାମ୍ବାଦିକ ଅର୍ଜୁନ କୁମାର ସିଂହ, ଆଶିଷ କୁମାର ଗିରି, ସୁବ୍ରତ ଘୋଷ, କବିତା ମାନ୍ଧାତା, ଆଲୋକ ଘଡ଼େଇ, ଅଶ୍ରୁମୋଚନ ଘୋଷ, ନବୀନ ସାହୁ, ସନ୍ତୋଷ ଜେନା, ଉମାକାନ୍ତ ନାୟକ, ଗୌରୀଶଙ୍କର ମହାନ୍ତି ଓ ପ୍ରଦୀପ ଜେନା ପ୍ରମୁଖ ସହଯୋଗ କରିଥିଲେ ।



ମତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ନିର୍ବାଚନ ସାକ୍ଷରତା କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଆୟୋଜିତ ହୋଇଯାଇଛି । ଜିଲ୍ଲାର ୪ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହାବିଦ୍ୟାଳୟରୁ କୃତୀ ପ୍ରତିଯୋଗୀମାନେ ଆସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନର ଗୁରୁତ୍ୱ ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଆ ପ୍ରବନ୍ଧର ବିଷୟବସ୍ତୁ ଥିଲା 'ସଚେତନ ମତଦାତା ସଶକ୍ତ ଗଣତନ୍ତ୍ର' ଏବଂ ଇଂରାଜୀ ପ୍ରବନ୍ଧର ବିଷୟବସ୍ତୁ ଥିଲା 'ସଚେତନ ମତଦାତା ସଶକ୍ତ ଗଣତନ୍ତ୍ର' ପ୍ରତିଯୋଗିତା ପରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରତିବର୍ଗରେ ଶ୍ରେଷ୍ଠ ୧୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା ବୃଦ୍ଧି କରିବା ସହିତ ସେମାନଙ୍କୁ ଜଣେ ସଚେତନ, ଦାୟିତ୍ୱବାନ ଓ ସକ୍ରିୟ ନାଗରିକ ଭାବେ ଗଢ଼ି ତୋଳିବା। ଡେପୁଟି କଲେକ୍ଟର ତୃପ୍ତିମୟୀ ପ୍ରଧାନ, ଡେପୁଟି କଲେକ୍ଟର କୁଞ୍ଜିତା ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିତୀ ତନୟା ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ନିର୍ବାଚନ ବିଭାଗ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

କ୍ରିଷ୍ଣା ବିକାଶ ଫାଉଣ୍ଡେସନ୍ ଓ ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ କ୍ରିଷ୍ଣା ବିକାଶ ଓ ବରଗଡ଼ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ଠାରେ ମାଗଣା ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶ୍ୱ ମଧୁମେହ ସପ୍ତାହ ପାଳନ ଉପଲକ୍ଷେ ସରକାରୀ ବସ୍‌ଷ୍ଟାଣ୍ଡ ସମେତ ସ୍ଥାନୀୟ ଗୋବିନ୍ଦପାଲି ସ୍ଥିତ ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ କ୍ଲବ ଏବଂ ବରଗଡ଼ ଟାଉନ ଥାନା ସମ୍ମୁଖରେ ଲାୟନ୍ସ କ୍ଲବ ସଦସ୍ୟ ଶୁସାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ତଥା କ୍ରିଷ୍ଣା ବିକାଶ ଫାଉଣ୍ଡେସନ୍ ସହଯୋଗରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଡାକ୍ତରଙ୍କ ପରାମର୍ଶ ନିଆଯାଇଥିଲା। ଡାକ୍ତର ଅଜିତ ମେହେର, ଜୟକୃଷ୍ଣ ମେହେର ଯୋଗଦାନ କରି ବିଶେଷକରି ମଧୁମେହ ଓ ରକ୍ତଚାପ ରୋଗ ନିରାକରଣ ଉପରେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ସଭାପତି ଅଭୟ କୁମାର ଭୋଇ, ଡି.ମୁରଲୀ କ୍ରିଷ୍ଣା, ମନୋଜ ମହାପାତ୍ର, ଅଶୋକ ଅଗ୍ରୱାଲ, ଦୀପକ ବାଲୋଦିଆ, ଆୟୁଷ ଗୁପ୍ତା, ଲଳିତ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ଅମରଜିତ ସିଂ, ସି.ଏମ୍ ରାଓ, ପ୍ରଦୀପ ତୟାଲ, ରାଜକିଶୋର ପାଣିଗ୍ରାହୀ, ଜିତେନ୍ଦ୍ରିୟ ମିଶ୍ର, ଭରତ ପଣ୍ଡା, ପ୍ରିତୀ ବେହେରା, ସ୍ୱପ୍ନା ଭୁଏ, ସୁନିତା ଭୁଏ ଓ ଆହୁରି ଅନେକ ଯୋଗଦାନ କରି ସହଯୋଗ କରିଥିଲେ। ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତା ବର୍ଷ ଜାନୁଆରି ୩ ତାରିଖ ରବିବାର ଦିନ ଏକ ବୃହତ ସ୍ୱାସ୍ଥ୍ୟ ମେଳାର ଆୟୋଜନ କରାଯିବ ବୋଲି ସଭାପତି ଶ୍ରୀ ଭୋଇ ଜଣାଇଛନ୍ତି।

ରମ୍ଭାକୁ ନୂତନ ବ୍ଲକ ଘୋଷଣା ପାଇଁ ସ୍ମାରକ ପତ୍ର

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଐତିହ୍ୟ, ପର୍ଯ୍ୟଟନ, ପ୍ରଥମ ଉତ୍‌କ୍ଳଳ ସମ୍ମିଳନୀ ଗଠନର ଭିତ୍ତିଭୂମି ଏନ୍ତୁଡ଼ିଶାଳ ରମ୍ଭା ଅଟେ। ଜନସଂଖ୍ୟା ୨୦ ହଜାର ପାଖାପାଖି, ୧୨ଟି ପଞ୍ଚାୟତ ୨ କି.ମି ରୁ ୫ କି. ମି ଭିତରେ ଏହି ସହରରେ ନିର୍ଭରଶିଳ ଅଟେ। ତେଣୁ ସେହି ଦୃଷ୍ଟିରୁ ଲୋକଙ୍କ ସୁବିଧା ପାଇଁ ରମ୍ଭାକୁ ବ୍ଲକ ଘୋଷଣା କରିବା ପାଇଁ ଅଞ୍ଚଳବାସୀ ଯଥାର୍ଥ ବୋଲି ମନେ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ବିଜେପି ନେତା ଓ ରାଜ୍ୟ ସ୍ୱଚ୍ଛଭାରତ ପ୍ରମୁଖ ସଭାପତି ମହେଶ ଚନ୍ଦ୍ର ମହାନ୍ତି, ରାଜ୍ୟ ମତ୍ସ୍ୟଜୀବୀ ନେତା ତଥା ସମାଜସେବୀ ଭୀମସେନ ବେହେରା ପଞ୍ଚାୟତରାଜ ରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ପୋଲିସ ଥାନାକୁ ଉପରୋକ୍ତ ପଞ୍ଚାୟତ ସମସ୍ତ ଅନ୍ତର୍ଭୁକ୍ତ ଅଟେ । ଯଥା- ସାନରାମଚନ୍ଦ୍ରପୁର, ଝାରେଡି ରାଧାଗୋବିନ୍ଦପୁର, ରାମଗଡ଼, ସୁବଳୟା, ସନ୍ତୋଷପୁର, ଖଣ୍ଡଦେଉଳି, ପାଲଙ୍ଗ, ବାଣିଆ, ଚିକିଲି, ରାମପଲ୍ଲୀ, ବାଦପାଲି, ଡିମିରିଆ, କନକା ଓ ସାବୁଲିଆ ପ୍ରମୁଖ ପଞ୍ଚାୟତ ମାନ ରମ୍ଭା ସହରକୁ ନିର୍ଭର କରି ଚଳୁଛନ୍ତି। ଉପରୋକ୍ତ ସମସ୍ୟାକୁ ପ୍ରମୁଖ ମନ୍ତ୍ରୀ ସ୍ଥାନୀୟ ପାରିପାର୍ଶ୍ୱିକ ଅଞ୍ଚଳର ଜନ ସମସ୍ୟାକୁ ତୁରନ୍ତ ଦୃଷ୍ଟି ଦେଇ ଆଗାମୀ ରାଜ୍ୟ ସରକାରଙ୍କର ବ୍ଲକ ଗଠନ ଘୋଷଣାରେ ସାମିଲ୍ କରି ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହେବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

ନଭେମ୍ବର ୨୫ରୁ ଧାନମଣ୍ଡି ଖୋଲିବାକୁ ଜିଲ୍ଲାପାଳଙ୍କ ଠାରେ ଚାଷୀଙ୍କ ଦାବି

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଚାଷୀଙ୍କ ଧାନ ଅମଳ ସମୟ ପାଖେଇ ଆସୁଥିବା ବେଳେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଆସନ୍ତା ନଭେମ୍ବର ୨୫ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ମଣ୍ଡି ଖୋଲିବା ପାଇଁ ଚାଷୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀଙ୍କ ଉତ୍ପାଦିତ ଧାନ ଯେପରି ମଣ୍ଡିରେ ଠିକ୍ ସମୟରେ ବିକ୍ରି ହୋଇପାରିବ, ସେଥିପାଇଁ ତୁରନ୍ତ ମଣ୍ଡି ଖୋଲିବା ସହ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ତେବେ ନଭେମ୍ବର ୨୫ ସୁଦ୍ଧା ମଣ୍ଡି ନଖୋଲିଲେ ଚାଷୀମାନେ ବାଧ୍ୟ ହୋଇ ରାଜରାସ୍ତାରେ ଧାନ ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ନବରଙ୍ଗପୁରରେ ଅବକାରୀ ଓ ପୋଲିସର ମିଳିତ ଚଢ଼ଉ, ୨୨୬ ଜଣ



ଅଟକ, ୧୫ ଦିନରେ ୨୮୬ ମାମଲା ରୁଜୁ, ୮୪ ହଜାର ଲିଟରରୁ ଊର୍ଦ୍ଧ୍ୱ ମହୁଲି ପୋଚ ନଷ୍ଟ, ଜିଲ୍ଲାରେ ବେଆଇନ୍ ମଦ ପ୍ରସ୍ତୁତି, ଚାଲାଣ ଓ ବିକ୍ରି ସହ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ସ୍ୱତନ୍ତ୍ର ଚଢ଼ଉ ଅଭିଯାନ ଚାଲିଥିଲା। ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଏହି ଅଭିଯାନ ଜାରି ରହିଥିଲା। ଏହି ସମୟ ମଧ୍ୟରେ ମୋଟ୍ ୨୮୬ଟି ମାମଲା ରୁଜୁ ହୋଇଥିବା ବେଳେ ୨୨୬ ଜଣଙ୍କୁ ଅଟକ ରଖାଯାଇଛି। ଜିଲ୍ଲା ପୋଲିସ ଓ ଅବକାରୀ ବିଭାଗର ପ୍ରେସ୍ ନୋଟ୍ ଅନୁଯାୟୀ, ଏହି ଚଢ଼ଉ ସମୟରେ ୮୪ ହଜାର ୩୪୭ ଲିଟର ମହୁଲି ପୋଚ ନଷ୍ଟ କରାଯାଇଥିବା ବେଳେ ୧୦ ହଜାର ୬୫୪ ଲିଟର ଦେଶୀ ମଦ ଜବତ କରାଯାଇଛି। ନଷ୍ଟ ହୋଇଥିବା ମହୁଲି ପୋଚର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ୧୭ ହଜାର ୩୫୦ ଟଙ୍କା ବୋଲି ଦର୍ଶାଯାଇଛି। ଅଭିଯାନରେ ଅବକାରୀ ବିଭାଗ ପକ୍ଷରୁ ୧୪୨ଟି ଓ ପୋଲିସ ପକ୍ଷରୁ ୧୪୪ଟି ମାମଲା ରୁଜୁ ହୋଇଛି। ମୋଟ୍ ୨୨୬ ଜଣଙ୍କ ମଧ୍ୟରୁ ୩୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୧୮୯ ଜଣଙ୍କୁ ବିଏନ୍‌ଏସ୍‌ଏସ୍‌ର ଧାରା ୩୫ ଅନୁଯାୟୀ ନୋଟିସ୍ ପ୍ରଦାନ କରାଯାଇଛି। ଜିଲ୍ଲାରେ ବେଆଇନ୍ ମଦ ଓ ନିଶାଦ୍ରବ୍ୟ କାରବାର ଉପରେ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ଉ ଜାରି ରହିବ ବୋଲି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ବେଆଇନ୍ ମଦ କିମ୍ବା ନିଶାଦ୍ରବ୍ୟ କାରବାର ସମ୍ପର୍କରେ ବିଶ୍ୱସନୀୟ ସୂଚନା ନିକଟସ୍ଥ ଥାନା କିମ୍ବା ଅବକାରୀ କାର୍ଯ୍ୟାଳୟକୁ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସାଧାରଣ ଲୋକେ ଆଇନ୍‌କୁ ନିଜ ହାତକୁ ନନେବାକୁ ମଧ୍ୟ ବିଭାଗ ପରାମର୍ଶ ଦେଇଛି।

ଆଇପିଏସ୍ ଅଧିକାରୀଙ୍କ ମାନବିକତା:ଶୋକ ସନ୍ତପ୍ତ ପରିବାରଙ୍କ ଦୁଃଖ ବୁଝିଲେ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଖାକି ପୋଷାକରେ ଥିବା ଜଣେ ପୋଲିସ ଅଧିକାରୀଙ୍କ ପରିଚୟ କେବଳ ତାଙ୍କ ପଦବୀ, କ୍ଷମତା କିମ୍ବା କର୍ତ୍ତବ୍ୟରେ ସୀମିତ ନୁହେଁ। ତାଙ୍କ ହୃଦୟରେ ଥିବା ମାନବିକତା ହିଁ ତାଙ୍କୁ ଲୋକଙ୍କ ନିକଟରେ ଅଧିକ ନିକଟତର ହେବାକୁ ସାହାଯ୍ୟ କରିଥାଏ। ବରଗଡ଼ର ଆଇପିଏସ୍ ଅଧିକାରୀ ଏ.ବି.ଶିକ୍ଷା ଏହାର ଏକ ନିଜର। ବରଗଡ଼ ଗୁରୁଦ୍ୱାରା ଛକରେ ବାଇକ୍ ଧକ୍କାରେ ରଞ୍ଜନ ଭୋଇଙ୍କ ମୃତ୍ୟୁ ପରେ ଶୋକରେ ଭାଙ୍ଗିପଡ଼ିଥିଲେ ପରିବାରବର୍ଗ। ନ୍ୟାୟ ଦାବିରେ ମୃତଦେହ ରଖି ରାସ୍ତାରୋକ୍ କରିଥିଲେ ପରିଜନ। ଏଭଳି ଏକ ଭାବପ୍ରବଣ ଓ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଘଟଣାସ୍ଥଳରେ ପହଞ୍ଚିଥିଲେ ଆଇପିଏସ୍ ଏ.ବି. ଶିକ୍ଷା। ହେଲେ ତାଙ୍କର ଏକ ଆଚରଣ ସମସ୍ତଙ୍କ ହୃଦୟ ଜିଣିନେଇଥିଲା। ଉଚ୍ଚପଦସ୍ଥ ଅଧିକାରୀ ହୋଇ ମଧ୍ୟ ସେ ନିଜ ପଦବୀର ଦୂରତା ଚଞ୍ଚିନଥିଲେ। ଶୋକରେ ଭାଙ୍ଗିପଡ଼ିଥିବା ପରିବାରବର୍ଗଙ୍କ ପାଖରେ ରାସ୍ତା ଉପରେ ଆଣ୍ଠେଇ ବସି ସେମାନଙ୍କ କଥା ଶୁଣିଥିଲେ, ଦୁଃଖ ବୁଝିଥିଲେ ଏବଂ ସମବେଦନା ଜଣାଇଥିଲେ। ଏହି ଦୃଶ

32 YEARS
ଧ୍ୱନି କଳିଙ୍ଗ
ଭୁବନେଶ୍ୱର, ୨୩ ନଭେମ୍ବର, ସୋମବାର, ୨୦୨୬
ପୃଷ୍ଠା – ୬

ନ୍ୟୁଜିଲାଣ୍ଡ ବିପକ୍ଷ ହକି ଶୃଙ୍ଖଳା ଜିତିଲା ଭାରତ : ଶେଷ ମ୍ୟାଚ୍ ୨-୨ରେ ଶେଷ

ଅକ୍‌ଲାଣ୍ଡ

ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ହକି ଶୃଙ୍ଖଳାକୁ ୧-୦ରେ ଜିତି ନେଇଛି। ରବିବାର ସ୍ଥାନୀୟ ଲୟଡ୍ ଏଲ୍‌ଜମୋର ହକି ଷ୍ଟାଡିୟମ୍‌ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଏହି ଶୃଙ୍ଖଳାର ଶେଷ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଏହା ପୂର୍ବ ମ୍ୟାଚ୍ ମଧ୍ୟ ୨-୨ରେ ଅମୀମାଂସିତ ରହିଥିଲା। ହେଲେ ପ୍ରଥମ ମ୍ୟାଚ୍‌କୁ ଭାରତ ୩-୨ରେ ଜିତି ଥିବାରୁ ଶୃଙ୍ଖଳା କବ୍‌ଜା କରି ନେଇଥିଲା।

ରବିବାର ମ୍ୟାଚ୍‌ର ନବମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଥୋମାସ ଡିଲାନ୍ ଗୋଲ୍‌ରେ ପରିଣତ କରି ଘରୋଇ ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପ୍ରଥମ କ୍ୱାର୍ଟର ପଛରେ ପଡ଼ିଥିବା ଭାରତ ଦ୍ୱିତୀୟ କ୍ୱାର୍ଟରରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୧୬ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ସଞ୍ଜୟ ସ୍ଥିତି ସମାନ କରିଥିଲା। ଏହାର ୨ ମିନିଟ୍ ପରେ ସେଲଭାମ କାର୍ତ୍ତି (୧୮ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨-୧ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟରେ ଶେଷ ହୋଇଥିଲା। ହେଲେ ଚତୁର୍ଥ କ୍ୱାର୍ଟରରେ ବେଞ୍ଜି କୁଲହାନେ (୫୫ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ।



ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟରେ ଭାରତର ବଡ଼ ସ୍କୋର : ଭାଙ୍ଗିଲା ୨୭ ବର୍ଷ ପୁରୁଣା ରେକର୍ଡ

ନୂଆଦିଲ୍ଲୀ

ୱେଲିଂଟନରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଭାରତୀୟ ବ୍ୟାଟଙ୍କ ରାଜୁତିରେ ଟିମ୍ ଇଣ୍ଡିଆ ମଜଭୁତ ସ୍ଥିତିରେ ରହିଛି। ଟିମ୍ ଇଣ୍ଡିଆର ୫ ଜଣ ପ୍ଲେୟାର ଦମଦାର ବ୍ୟାଟିଂ କରିଛନ୍ତି। କେଏଲ୍ ରାହୁଲ, ଦେବଦତ୍ତ ପାଡିକଲ, ଶୁଭମନ ଗିଲ, ରିଷଭ ପନ୍ତ, ଧ୍ରୁବ ଜୁରେଲ୍, ଯଶସ୍ୱୀ ଜୈସ୍ୱାଲ ଦମଦାର ବ୍ୟାଟିଂ କରିଛନ୍ତି। ନ୍ୟୁଜିଲାଣ୍ଡ ଆଗରେ ଭାରତ ପ୍ରଥମ ଇନିଂସରେ ୭୨୦ ରନ୍ କରିଛି। ଏହା ଟେଷ୍ଟ କ୍ରିକେଟରେ ଭାରତ ବଡ଼ ସ୍କୋର। ଏହି ରନ୍ ସହିତ ଭାରତ ୧୦ ମହାରେକର୍ଡ କରିଛି। ୨୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛି। ଏହା ପୂର୍ବରୁ ଭାରତ ୨୭ ବର୍ଷ ତଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୯୯୯ରେ ଅହମ୍ମଦାବାଦରେ ବଡ଼ ସ୍କୋର କରିଥିଲା। ୭ ୱିକେଟ୍ ହରାଇ ୫୮୩ ରନ୍ କରି ପାଳି ଘୋଷଣା କରିଥିଲା। ସେହି ମ୍ୟାଚ୍ ଡ୍ର' ରହିଥିଲା।

ୱେଲିଂଟନ୍ ଟେଷ୍ଟର ପ୍ରଥମ ଇନିଂସରେ ଭାରତକୁ ୯ ୱିକେଟରେ ୭୨୦ ରନ କରିବାରେ ଭାରତର ବ୍ୟାଟରଙ୍କ ପ୍ରମୁଖ ଭୂମିକା ଗ୍ରହଣ





କରିଥିଲେ। ପ୍ରଥମ ଇନିଂସରେ ଭାରତ ୨ଟି ଶତକ ଏବଂ ୩ଟି ଅର୍ଦ୍ଧଶତକ ହାସଲ କରିଥିଲା। ଭାରତର ଶ୍ରେଷ୍ଠ ପାଞ୍ଚ ଜଣ ବ୍ୟାଟର ୮୦ରୁ ଅଧିକ ସ୍କୋର କରିଛନ୍ତି। ଟେଷ୍ଟ କ୍ରିକେଟରେ ଏହି ସଫଳତା ହାସଲ କରିବାରେ ଭାରତ ଦ୍ୱିତୀୟ ଦଳ ହୋଇଛି। ପୂର୍ବରୁ, ପାକିସ୍ତାନର ଶ୍ରେଷ୍ଠ ୫ ଜଣ ବ୍ୟାଟର ୨୦୧୪ରେ ଆବୁଧାବିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏପରି କରିଥିଲେ। ଏହା ସହିତ ଭାରତ ନ୍ୟୁଜିଲାଣ୍ଡରେ ଦ୍ୱିତୀୟ ଥର ୫୦୦ ପ୍ଲସ୍ ରନ୍ କରିଛି। ଏହା ପୂର୍ବରୁ ୨୦୦୯ରେ ହାମିଲଟନରେ ଗୋଟିଏ ଇନିଂସରେ ୫୨୦ ରନ୍ କରିଥିଲା।

ଭାରତ ନ୍ୟୁଜିଲାଣ୍ଡ ମାଟିରେ ସର୍ବାଧିକ ଟେଷ୍ଟ ସ୍କୋର କରିଛି, ପୂର୍ବରୁ ୨୦୧୯ରେ ବାଂଲାଦେଶ ବିପକ୍ଷରେ ୭୧୫ରନ୍ କରିଥିଲା ନ୍ୟୁଜିଲାଣ୍ଡ। ନ୍ୟୁଜିଲାଣ୍ଡରେ ସର୍ବାଧିକ ଟେଷ୍ଟ ସ୍କୋର ତାଲିକାରେ ଭାରତ ପ୍ରଥମରେ ରହିଛି। ଭାରତ ଘର ବାହାରେ ତା'ର ସର୍ବାଧିକ ଟେଷ୍ଟ ସ୍କୋର କରିଛି। ୨୦୧୦ରେ ଶ୍ରୀଲଙ୍କା ବିପକ୍ଷରେ ୭୦୭ ରନ୍ କରିଥିଲା। ୱେଲିଂଟନର ବେସିନ ରେଜର୍ଭ ଷ୍ଟାଡିୟମରେ ପ୍ରଥମ ଇନିଂସରେ କୌଣସି ଟିମ୍ ୭୨୦ ରନ୍ କରିଛି। ଏହି ଗ୍ରାଉଣ୍ଡରେ ସର୍ବାଧିକ ସ୍କୋର। ଟିମ୍ ଇଣ୍ଡିଆ ପଞ୍ଚମ ଥର ୭୦୦ ରନ୍ କରିଛି। ବିଶ୍ୱ ରେକର୍ଡ ଶ୍ରୀଲଙ୍କା ନାମରେ ରହିଛି। ସେ ୭ ଥର ଏପରି କରିଛି।

ନ୍ୟୁଜିଲାଣ୍ଡ ମାଟିରେ ଭାରତ ୭୦୦ ରନ୍ ପାର କରିଥିବା ପ୍ରଥମ ଭ୍ରମଣକାରୀ ଟିମ୍ ହୋଇଛି। ୭୨୦ ରନ୍ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସବୁଠୁ ବଡ଼ ସ୍କୋର। ଏହା ପୂର୍ବରୁ ୧୯୯୫ରେ ୱେଷ୍ଟଇଣ୍ଡିଜ ୫ ୱିକେଟ୍ ହରାଇ ୬୬୦ ରନ୍ କରିଥିଲା। ୧୯୯୫ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଗତ ୭୧ ବର୍ଷରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଟେଷ୍ଟରେ ସର୍ବାଧିକ ସ୍କୋର। ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ପ୍ରଥମ ଦଳ ଭାବରେ ଗୋଟିଏ ଇନିଂସରେ ପ୍ରଥମ ୭ ୱିକେଟ ପାଇଁ ୫୦ରୁ ଅଧିକ ରନର ଭାଗୀଦାରୀ ରେକର୍ଡ କରିଛି। ଏହା ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ସର୍ବାଧିକ ସ୍କୋର। ପୂର୍ବରୁ, ଟିମ୍ ଇଣ୍ଡିଆ ୧୯୯୯ରେ ଅହମ୍ମଦାବାଦ ଟେଷ୍ଟରେ କିୱି ବିପକ୍ଷରେ ୫୮୩ ରନ୍ କରିଥିଲା।

ଭାରତର ଦ୍ୱିତୀୟ ବିଜୟ : ଦକ୍ଷିଣ କୋରିଆକୁ ୨-୧ରେ ଦେଲା ମାତ୍



ନୂଆଦିଲ୍ଲୀ

ମାଲେସିଆ ପରେ ଦକ୍ଷିଣ କୋରିଆକୁ ମାତ୍ ଦେଲା ଭାରତ। ବ୍ୟାକ୍ ଟୁ ବ୍ୟାକ୍ ବିଜୟ। ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ନବମ ସଂସ୍କରଣରେ ଭାରତ କ୍ରମାନ୍ୱୟରେ ଦ୍ୱିତୀୟ ବିଜୟ ହାସଲ କରିଛି। ଦଳ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାଜିତ କରିଥିଲା।

ପ୍ରଥମ କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ତେଣୁ ଏହି ଭାଗ ଖେଳ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସମାନ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ହେଲେ ପ୍ରଥମାର୍ଦ୍ଧର ଶେଷ ମିନିଟରେ ଭାରତ ଏକ ଫିଲ୍ଡ ଗୋଲ ଦେଇ ଖାତା ଖୋଲିଥିଲା। ମମତାଜ ଖାନ ଏହି ଗୋଲଟି ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରୁ ଭାରତ ଆକ୍ରମଣ କରିଥିଲା। ୩୪ ମିନିଟରେ ଦଳକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଏହାକୁ ଗୋଲରୂପ ଦେବାରେ ଓଡ଼ିଆ ତାରକା ସୁନେଲିତା ଟପ୍ପୋ ଆଦୌ ହେଳା କରିନଥିଲେ। ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ପରବର୍ତ୍ତୀ ସମୟ ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ଶେଷରେ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ୫୬ ମିନିଟରେ କୋରିଆ ଗୋଟିଏ ଗୋଲ ପରିଶୋଧ କରିଥିଲା। ନଭନୀତ କୌର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିରନବମ ସଂସ୍କରଣ ଭୋପାଳରେ ଜାରି ରହିଛି। ଆୟୋଜକ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୪-୧ ଗୋଲରେ ମାଲେସିଆକୁ ପରାଜିତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ନବମ ସଂସ୍କରଣରେ ମୋଟ୍ ୬ଟି ଦଳ (ଆୟୋଜକ ଦଳ ସମେତ ଚୀନ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଓ ଥାଇଲାଣ୍ଡ) ଭାଗ ନେଇଛନ୍ତି। ପ୍ରଥମ ଦିବସରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଚୀନ ୭-୦ ଗୋଲରେ ଥାଇଲାଣ୍ଡକୁ ଏବଂ ଜାପାନ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାଜିତ କରିଥିଲା।

ଟି୨୦ ଡେବ୍ୟୁ ମ୍ୟାଚ୍‌ରେ ଲଗାତାର ୪ ୱିକେଟ ନେଇ ଇତିହାସ ରଚିଲେ ଜମସେଦ ଆଲାମ୍

ନୂଆଦିଲ୍ଲୀ

ଜମସେଦ ଆଲାମ ନିଜର ପ୍ରଥମ ଟି-୨୦ ମ୍ୟାଚ୍‌ରେ ଇତିହାସ ସୃଷ୍ଟି କରିଛନ୍ତି। ସେ ନିଜର ପ୍ରଥମ ମ୍ୟାଚ୍‌ରେ ହିଁ କ୍ରମାଗତ ଭାବେ ଚାରୋଟି ୱିକେଟ ନେଇ ଏକ ଚମତ୍କାର ଆରମ୍ଭ କରିଛନ୍ତି। ସୟଦ ମୁସ୍ତାକ ଅଲି ଟ୍ରଫିରେ ରେଲୱେ ପକ୍ଷରୁ ଖେଳି ସୌରାଷ୍ଟ୍ର ବିପକ୍ଷରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୩ ବର୍ଷୀୟ ଏହି ବୋଲର ପୂର୍ବରୁ ଉତ୍ତର ପ୍ରଦେଶ ଟି-୨୦ ଲିଗରେ 'ମିରଟ ମାଭରିକ୍ସ' ଦଳର ଅଂଶ ଥିଲେ।

ରବିବାର ଇନ୍ଦୋରର ଡାଲି କଲେଜ ଗ୍ରାଉଣ୍ଡରେ ରେଲୱେ ଏବଂ ସୌରାଷ୍ଟ୍ର ମଧ୍ୟରେ ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିଜର ପ୍ରଥମ ଟି-୨୦ ମ୍ୟାଚ୍ ଖେଳୁଥିବା ଜମସେଦ ଆଲାମ କ୍ରମାଗତ ଚାରୋଟି ବଲରେ ଚାରୋଟି ୱିକେଟ ନେଇଥିଲେ। ସୌରାଷ୍ଟ୍ର ପାଇଁ ମ୍ୟାଚ୍‌ଟି ଅତ୍ୟନ୍ତ ଖରାପ ଆରମ୍ଭ ହୋଇଥିଲା, କାରଣ ପ୍ରଥମ ଓଭରର ଦ୍ୱିତୀୟ ବଲରେ ହିଁ ବିଶ୍ୱରାଜ ଜାଡ଼େଜା ବିନା କୌଣସି ରନ ସଂଗ୍ରହ କରି ଆଉଟ ହୋଇଯାଇଥିଲେ। ଏହା ପରେ, ଆଲାମ ଚତୁର୍ଥ ଓଭରରେ ହ୍ୟାଟ୍ରିକ ଅର୍ଜନ କରିଥିଲେ।

ଜାମଶେଦ ଚତୁର୍ଥ ଓଭରର ତୃତୀୟ ବଲରେ ହାର୍ଭିକ ଦେଶାଇଙ୍କୁ ଆଉଟ କଲେ (କ୍ୟାଚ୍ ଆଉଟ)। ଠିକ୍ ପରବର୍ତ୍ତୀ ବଲରେ ସେ ପ୍ରେରକ ମଙ୍କଡ୍‌ଙ୍କୁ ବୋଲ୍ଡ କରିଦେଲେ। ପଞ୍ଚମ ବଲରେ ରୁଚିତ ଅହିରଙ୍କ ୱିକେଟ ନେଇ ସେ ନିଜର ହ୍ୟାଟ୍ରିକ ପୂରଣ କଲେ। ତାଙ୍କ ପରେ



ବ୍ୟାଟିଂ କରିବାକୁ ଆସିଥିବା ସମର ଗଜ୍ଜର ମଧ୍ୟ ଖାତା ଖୋଲିପାରିଲେ ନାହିଁ ଏବଂ ଜାମସେଦଙ୍କ ଚତୁର୍ଥ ଶିକାର ହେଲେ।

ଜାମସେଦ ଆଲାମ ଟି୨୦ ଫର୍ମାଟରେ କ୍ରମାଗତ ଚାରିଟି ୱିକେଟ ନେବାରେ ଚତୁର୍ଥ ଭାରତୀୟ ବୋଲର ହୋଇପାରିଛନ୍ତି। ଏହି ସଫଳତା ପରେ, ସେ ଷଷ୍ଠ ଓଭରରେ ସିଦ୍ଧାନ୍ତ ରାଣାଙ୍କୁ ଏଲବିଡବ୍ଲୁ ଆଉଟ କଲେ। ୧୮୩ ରନର ଲକ୍ଷ୍ୟକୁ ପିଛା କରୁଥିବା ବେଳେ ହରବଂଶ ପାଙ୍ଗାଲିଆ ଶେଷ ପର୍ଯ୍ୟନ୍ତ ଜୋରଦାର ଲଢ଼େଇ କରିଥିଲେ, କିନ୍ତୁ ସୌରାଷ୍ଟ୍ରକୁ ବିଜୟୀ କରାଇପାରିଲେ ନାହିଁ। ହରବଂଶ ୬୧ଟି ବଲରୁ ୮୦ ରନ କରି ଅପରାଜିତ ରହିଲେ; ତାଙ୍କର ଏହି ଇନିଂସରେ ୩ଟି ଛକା ଏବଂ ୧୦ଟି ଚୌକା ସାମିଲ ଥିଲା। ଆଲାମ ନିଜର ୪ ଓଭରରେ ୩୮ ରନ ଦେଇ ୫ଟି ୱିକେଟ ନେଲେ ଏବଂ ଏଥିପାଇଁ ତାଙ୍କୁ 'ପ୍ଲେୟାର ଅଫ ଦ ମ୍ୟାଚ୍' ପୁରସ୍କାର ପ୍ରଦାନ କରାଗଲା।

ଜାତୀୟ ଖୋ-ଖୋ ଚାମ୍ପିୟନସିପ୍‌ରେ ଚମକିବେ ବଲାଙ୍ଗୀରର ଝିଅ ଚାନ୍ଦିନୀ

ବଲାଙ୍ଗୀର

ବଲାଙ୍ଗୀର ଜିଲ୍ଲା ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ। ଜିଲ୍ଲାର ଲୋଇସିଂହା ବ୍ଲକ୍ ଉପରବାହାଲର ଝିଅ ଚାନ୍ଦିନୀ ଜାଲ୍ ଓଡ଼ିଶା ଜୁନିୟର ବାଳିକା ଖୋ-ଖୋ ଦଳରେ ସ୍ଥାନ ପାଇ ୪୫ତମ ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଛନ୍ତି। ଗୁଜରାଟର ଭଡୋଦରା (ପାରୁଲ ବିଶ୍ୱବିଦ୍ୟାଳୟ) ଠାରେ ଏହି ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଚାନ୍ଦିନୀଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ବଲାଙ୍ଗୀର ଜିଲ୍ଲା ତଥା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଗର୍ବର ବିଷୟ। ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବା ଚାନ୍ଦିନୀଙ୍କ ଏହି କ୍ରୀଡ଼ା ଯାତ୍ରା ଜିଲ୍ଲାର ଅନ୍ୟ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ। ଏହି ଗୌରବମୟ ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ, ବଲାଙ୍ଗୀର ପକ୍ଷରୁ ଚାନ୍ଦିନୀ ଜାଲ୍‌ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ, ଆତ୍ମବିଶ୍ୱାସ ଓ ଖେଳ ପ୍ରତି ସମର୍ପଣ ଓଡ଼ିଶାକୁ ଗୌରବାନ୍ୱିତ କରୁ ଏବଂ ଆଗାମୀ ଦିନରେ ସେ ଆହୁରି ଉଚ୍ଚ ସଫଳତା ହାସଲ କରନ୍ତୁ ବୋଲି ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ କାମନା କରାଯାଇଛି।



ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ବନ୍ଦ ହେଲା ଟିମ୍ ଇଣ୍ଡିଆର ରାସ୍ତା !

ନୂଆଦିଲ୍ଲୀ

ଭାରତକୁ ନିଜ ଅଧିନାୟକତ୍ୱରେ ଟି୨୦ ବିଶ୍ୱକପ୍ ଟାଇଟଲ୍ ଜିତାଇଥିବା ସୂର୍ଯ୍ୟକୁମାର ଯାଦବ ଜାତୀୟ ଦଳକୁ ଫେରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ତେବେ ସୂର୍ଯ୍ୟକୁମାରଙ୍କ ପ୍ରତ୍ୟାବର୍ତ୍ତନ ପଥ ବର୍ତ୍ତମାନ କଷ୍ଟକର ମନେହେଉଛି। ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ ଅନୁଯାୟୀ ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ ସୂର୍ଯ୍ୟକୁମାର ଯାଦବ ଆଉ ଚୟନକର୍ତ୍ତାଙ୍କ ଯୋଜନାର ଅଂଶ ନୁହନ୍ତି। ଘରୋଇ କ୍ରିକେଟରେ ଲଗାତାର ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ବର୍ତ୍ତମାନ ଭାରତୀୟ ଦଳରେ ତାଙ୍କ ପାଇଁ ସ୍ଥାନ ମିଳିବା କଷ୍ଟକର ହୋଇଯାଇଛି।

ଏଏନ୍‌ଆଇକୁ ବିସିସିଆଇ ସୂତ୍ରରୁ କୁହାଯାଇଛି, 'ସୂର୍ଯ୍ୟକୁମାର ବର୍ତ୍ତମାନ ଆମର ଚୟନ ଯୋଜନାର ଅଂଶ ନୁହନ୍ତି। ଆମେ ତ ଏପର୍ଯ୍ୟନ୍ତ ହ୍ୱାଇଟ୍ ବଲ୍ କ୍ରିକେଟରେ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିଙ୍କ ପାଇଁ ମଧ୍ୟ ସ୍ଥାନ ତିଆରି କରିପାରି ନାହୁଁ।' ସୂତ୍ରରୁ ଆହୁରି ମଧ୍ୟ କୁହାଯାଇଛି ଯେ ସୂର୍ଯ୍ୟକୁମାର ଯାଦବ କଠିନ ପରିଶ୍ରମ କରୁଛନ୍ତି ଏବଂ ଲିଷ୍ଟ-ଏ କ୍ରିକେଟରେ ଭଲ ପ୍ରଦର୍ଶନ ମଧ୍ୟ କରୁଛନ୍ତି, କିନ୍ତୁ ବର୍ତ୍ତମାନର ଭାରତୀୟ ଦଳର କମ୍ବିନେସନରେ ତାଙ୍କୁ ସାମିଲ କରିବା କଷ୍ଟକର।

ସୂତ୍ରରୁ କୁହାଯାଇଛି, 'ହଁ, ସୂର୍ଯ୍ୟକୁମାର କଠିନ ପରିଶ୍ରମ କରୁଛନ୍ତି ଏବଂ ଲିଷ୍ଟ-ଏ କ୍ରିକେଟରେ ଭଲ ପ୍ରଦର୍ଶନ କରୁଛନ୍ତି। ତଥାପି, ପ୍ରଶ୍ନ ହେଉଛି ଯେ ବର୍ତ୍ତମାନର ଭାରତୀୟ ଦଳରେ ଆମେ ତାଙ୍କୁ କେଉଁଠି ଫିଟ୍ କରିପାରିବୁ। ବର୍ତ୍ତମାନ ତାଙ୍କ ପାଇଁ କୌଣସି ସ୍ଥାନ ଉପଲବ୍ଧ ନାହିଁ। ଆମେ ହ୍ୱାଇଟ୍ ବଲ୍ କ୍ରିକେଟରେ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିଙ୍କୁ ମଧ୍ୟ ସ୍ଥାନ ଦେଇପାରୁ ନାହୁଁ, ତେବେ ବର୍ତ୍ତମାନର ଦଳରେ ସୂର୍ଯ୍ୟକୁମାରଙ୍କୁ କେଉଁଠି ଫିଟ୍ କରିବୁ? ବର୍ତ୍ତମାନ ଆମେ ତାଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁନାହୁଁ।'

ସୂଚନାଯୋଗ୍ୟ ଯେ ସୂର୍ଯ୍ୟକୁମାର ଯାଦବ ୨୦୨୬ ଟି୨୦ ବିଶ୍ୱକପରେ ଭାରତୀୟ ଦଳର ଅଧିନାୟକତ୍ୱ



କରିଥିଲେ ଏବଂ ଦଳକୁ ଲଗାତାର ଦ୍ୱିତୀୟ ଥର ପାଇଁ ଟି୨୦ ବିଶ୍ୱକପ୍ ଟାଇଟଲ୍ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତେବେ ଆଇପିଏଲ୍ ପରେ ତାଙ୍କୁ ଟି୨୦ ଅନ୍ତର୍ଜାତୀୟ ଦଳରୁ ବାଦ୍ ଦିଆଯାଇଥିଲା ଏବଂ ତାଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଥିଲା।

ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ୨୦୨୬-୨୭ରେ ମୁମ୍ବାଇର ଅଧିନାୟକତ୍ୱ କରି ଚମତ୍କାର ପ୍ରଦର୍ଶନ କରୁଛନ୍ତି। ସେ ନଭେମ୍ବର ୧୪ ତାରିଖରେ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ମାତ୍ର ୨୧ଟି ବଲରୁ ଅପରାଜିତ ୬୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୬ଟି ଚୌକା ଏବଂ ୫ଟି ଛକା ସାମିଲ ଥିଲା। ସେ ମାତ୍ର ୧୫ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ସୂର୍ଯ୍ୟକୁମାରଙ୍କ ଏହି ଇନିଂସ ବଳରେ ମୁମ୍ବାଇ ୧୭୩ ରନର ଲକ୍ଷ୍ୟକୁ ୭ ୱିକେଟରେ ହାସଲ କରିନେଇଥିଲା।

ଏହାପରେ ଗୁଜରାଟ ବିପକ୍ଷରେ ମଧ୍ୟ ସୂର୍ଯ୍ୟକୁମାରଙ୍କ ବ୍ୟାଟ୍ ଖୁବ୍ ରନ୍ ବର୍ଷା କରିଥିଲା। ସେ ଏହି ମ୍ୟାଚରେ ମାତ୍ର ୨୯ଟି ବଲରୁ ୮୨ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୭ଟି ବିଶାଳ ଛକା ସାମିଲ ଥିଲା। ତାଙ୍କର ଏହି ବିସ୍ଫୋରକ ଇନିଂସ ସହାୟତାରେ ମୁମ୍ବାଇ ୧୯୯ ରନର ଲକ୍ଷ୍ୟକୁ ମାତ୍ର ୧୫.୪ ଓଭରରେ ୫ଟି ୱିକେଟ୍ ବାକି ଥାଇ ହାସଲ କରିନେଇଥିଲା। ସେହିପରି ଗୋଆ ବିପକ୍ଷ ତୃତୀୟ ମୁକାବିଲାରେ ମଧ୍ୟ ସୂର୍ଯ୍ୟକୁମାର ଦ୍ରୁତ ବ୍ୟାଟିଂ କରି ୧୨ଟି ବଲରୁ ୨୫ ରନ୍ କରିଥିଲେ। ଏହି ସମୟରେ ସେ ୩ଟି ଛକା ମାରିଥିଲେ। ମୁମ୍ବାଇ ଏହି ମୁକାବିଲାକୁ ୧୮ ରନରେ ଜିତି ନେଇଥିଲା।

ଘରୋଇ କ୍ରିକେଟରେ ସୂର୍ଯ୍ୟକୁମାରଙ୍କ ଲଗାତାର ଭଲ ଇନିଂସ ସତ୍ତ୍ୱେ ବିସିସିଆଇ ସୂତ୍ରର ବୟାନରୁ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନ ଭାରତୀୟ ଦଳରେ ତାଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଚୟନକର୍ତ୍ତାମାନେ ବିଚାର କରୁନାହାନ୍ତି।

କ୍ରିକେଟ୍‌ରେ ଗୌରବ ଆଣିଲେ ସୁବର୍ଣ୍ଣପୁର ଜିଲ୍ଲାର ଅରମାନ ମଲ୍ଲିକ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ଜାତୀୟ ସ୍ତରରେ କ୍ରିକେଟ୍ ଖେଳିବାର ସ୍ୱପ୍ନ ଦେଖୁଥିବା ଯୁବ ପ୍ରତିଭାଙ୍କ ପାଇଁ ଆଉ ଏକ ବଡ଼ ସଫଳତା। ଓଡ଼

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୩ ନଭେମ୍ବର, ୨୦୨୬ ସୋମବାର



ମହାପ୍ରଭୁଙ୍କ ଦର୍ଶନ କଲେ ଆଧ୍ୟାତ୍ମିକ ଗୁରୁ ମୁରାରୀ ବାପୁ

ପୁରୀ, ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ଆଶିର୍ବାଦ ଲାଭ କଲେ ଅଧ୍ୟାତ୍ମିକ ଗୁରୁ ମୁରାରୀ ବାପୁ। ଗୁଜୁରାଟ ରାମକଥାର ନ୍ୟାରେଟର ବା ବର୍ତ୍ତନା କାରୀ ମୁରାରୀ ବାପୁ ରବିବାର ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଦର୍ଶନ କରି ଭାବବିଭୋର ହୋଇଛନ୍ତି। ଏଥିସହ ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିଥିଲେ। ତେବେ ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ତାଙ୍କର ଚାରିଧାମ ଯାତ୍ରା ପୂର୍ଣ୍ଣ ହୋଇଛି। ଦେଶ ତଥା ବିଶ୍ୱର ମଙ୍ଗଳ ପାଇଁ ତାଙ୍କର ଚାରିଧାମ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେ ଶ୍ରେଷ୍ଠ ଧାମ ଜଗନ୍ନାଥ ଧାମରେ ଦର୍ଶନ ସୁଯୋଗ ପାଇ ବେଶ ଖୁସି ବ୍ୟକ୍ତ କରିଛନ୍ତି।

ପୂର୍ବରୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା ସମୟରେ ୨୦୨୩ରେ ପୁରୀରେ ଦର୍ଶନ ସାନିଧ୍ୟ ନେଇଥିଲେ। ଏବେ ପୁଣି ଥରେ ଚାରିଧାମ ଯାତ୍ରା କରି ଭାରତର ଚାରି ଦିଗରେ ଅବସ୍ଥିତ ଚାରୋଟି ପବିତ୍ର ତୀର୍ଥକ୍ଷେତ୍ର ଏବଂ ମଙ୍ଗଳମୟ 'ସ୍ୱସ୍ତିକ' ଚିହ୍ନର ଏକ ଆଧ୍ୟାତ୍ମିକ ଓ ଭୌଗୋଳିକ ସମ୍ମିଶ୍ରଣର ସାନିଧ୍ୟ ଶେଷ କରିଛନ୍ତି। ଦକ୍ଷିଣରେ ରାମେଶ୍ୱର ଧାମ, ଉତ୍ତରରେ ବଦ୍ରୀନାଥ ଧାମ, ପଶ୍ଚିମରେ ଦ୍ୱାରକା ଦର୍ଶନ ପରେ ପୂର୍ବରେ ଜଗନ୍ନାଥ ଧାମ ପୁରୀରେ ଦର୍ଶନ କରି ନିଜର ମଙ୍ଗଳମୟ ସ୍ୱସ୍ତିକ ଯାତ୍ରା ପୂର୍ଣ୍ଣ କରିଛନ୍ତି। ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଦେଇ ତାଙ୍କୁ ସ୍ୱାଗତ କରିଥିଲେ ଛତିଶା ନିଯୋଗ ମହାନାୟକ।

ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି : ସମ୍ବଲପୁରରେ ଆସନ୍ତା ୩୦ରୁ ଖୋଲିବ ଧାନ ମଣ୍ଡି



ସମ୍ବଲପୁର ନ୍ୟୁକ୍ ବ୍ୟୁରୋ

ଜିଲ୍ଲାରେ ଖରିଫ୍ ବିପଣନ ବର୍ଷ ୨୦୨୬-୨୭ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ଏବଂ ସ୍ୱଚ୍ଛତାର ସହ ପରିଚାଳନା କରିବା ନିମନ୍ତେ ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରର ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ରେଙ୍ଗାଲି ସୁଦର୍ଶନ ହରିପାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କୁମୁଦିନୀ ନାୟକ, ସାଂସଦ ସମ୍ବଲପୁରଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ପଣ୍ଡା, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ପ୍ରତିନିଧି ବିଭୁତି କଲ୍ୟାଣ ପଟେଲ, ବିଧାୟକ, ରେଢ଼ାଖୋଲଙ୍କ ପ୍ରତିନିଧି ମନୋଜ ମହାପାତ୍ର, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ସମବାୟ ଉପ-ନିବନ୍ଧକ ଲକ୍ଷ୍ମୀଧର ରାଉତ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ଚାଷୀ ପ୍ରତିନିଧି ଯୋଗ ବିହାରୀ ପରିଡା, ମିତ୍ରଭାନୁ ପଟେଲ, ସୁବୋଧ ପଟେଲ, ସୂର୍ଯ୍ୟ ପାଣିଗ୍ରାହୀ ଏବଂ ମିଲର୍ସ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଚଳିତ ଖରିଫ୍ ଋତୁ ପାଇଁ ଆସନ୍ତା ନଭେମ୍ବର ୩୦ ତାରିଖରୁ ଜିଲ୍ଲାରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଗତ ବର୍ଷ ଜିଲ୍ଲାରେ ଖରିଫ୍ ଓ ରବି ଋତୁରେ ପ୍ରାୟ ୪୭ ଲକ୍ଷ କ୍ୱିଣ୍ଟାଲ ଧାନ ସଫଳତାର ସହ ସଂଗ୍ରହ ହୋଇଥିବା ସୂଚନା ଦେଇଥିଲେ। ଚଳିତ ଖରିଫ୍ ଋତୁରେ ଧାନ ବିକ୍ରି କରିବା ପାଇଁ ଗତ ବର୍ଷର ୬୫,୦୦୦ ଚାଷୀଙ୍କ ତୁଳନାରେ ପ୍ରାୟ ୧୨ରୁ ୧୩ ପ୍ରତିଶତ ଅଧିକ ଅର୍ଥାତ୍ ମୋଟ ୭୨,୦୦୦ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାର ୪୫ଟି ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ୧୨୬ଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଏହି ଧାନ ସଂଗ୍ରହ କରାଯିବ। ଏହାର ସଠିକ୍ ତଦାରଖ ପାଇଁ ୧୨୬ ଜଣ ମଣ୍ଡି ନୋଡାଲ ଅଫିସର ଏବଂ ୨୪ ଜଣ ମଣ୍ଡି ସୁପରଭାଇଜିଂ ଅଫିସରଙ୍କୁ ନିୟୋଜିତ କରାଯିବ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨,୪୪୧ ଟଙ୍କା ଏବଂ 'ଗ୍ରେଡ୍-ଏ' ଧାନ କ୍ୱିଣ୍ଟାଲ ପିଛା ୨,୪୬୧ ଟଙ୍କା ଦରରେ କିଣାଯିବ। ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପାଲ, ପଲିଥିନ୍, ପାନୀୟ ଜଳ ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସହ ଧାନର ମାନ ପରୀକ୍ଷା ପାଇଁ ଅସ୍ଥାୟୀ କ୍ୱାଲିଟି ଆନାଲିଷ୍ଟ ଓ ଯନ୍ତ୍ରପାତିର ବ୍ୟବସ୍ଥା କରାଯିବ। ଏହା ବ୍ୟତୀତ ତୃଣମୂଳ ସ୍ତରରେ ଧାନର ମାନ ଓ କ୍ରୟ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମସ୍ତ ୪୫ଟି ସମବାୟ ସମିତିରେ ବିଡିଓମାନଙ୍କ ଦ୍ୱାରା ସୋସାଇଟି ସ୍ତରୀୟ କ୍ରୟ କମିଟି ଗଠନ କରାଯିବ। ଧାନ ବିକ୍ରୟ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପାରଦର୍ଶୀ କରିବା ପାଇଁ ପି-ପାସ୍ ମାଧ୍ୟମରେ ଚାଷୀମାନଙ୍କୁ ଆଗୁଆ ଟୋକନ୍ ଏସଏମଏସ୍ ପଠାଯିବ ଏବଂ କେବଳ ଆଇରିସ୍ ସ୍କାନର ଜରିଆରେ ଆଧାର ପ୍ରମାଣୀକରଣ ପରେ ହିଁ ଧାନ କିଣାଯିବ। ବିକ୍ରୟ ମୂଲ୍ୟ ସିଧାସଳଖ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ଏନ୍‌ପିସିଆଇ ପ୍ଲାଟଫର୍ମ ମାଧ୍ୟମରେ ପଠାଯିବ। ଯଦି କୌଣସି ଚାଷୀ ଧାର୍ଯ୍ୟ ତାରିଖରେ ଧାନ ବିକ୍ରି କରିନପାରନ୍ତି, ତେବେ ପ୍ରତି ୭ ଦିନରେ ଥରେ ସ୍ମାରକପତ୍ର ଏସଏମଏସ୍ ପଠାଯିବ ଏବଂ କୌଣସି ଟୋକନ୍ ଯେପରି ବାତିଲ ନହୁଏ ସେଥିପାଇଁ ଜିଲ୍ଲାପାଳଙ୍କ ସ୍ତରରେ ଟୋକନର ବୈଧତାକୁ ଅତିରିକ୍ତ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି। ଚଳିତ ବର୍ଷ ଚାଷୀମାନଙ୍କୁ ଏକାଥରକେ ଟୋକନ୍ ପ୍ରଦାନ କରାଯିବା ସହ ଜିଲ୍ଲାର ୪୮ ଜଣ କଷ୍ଟମ୍ ମିଲର୍ସଙ୍କ ମଧ୍ୟରେ ଧାନ ଉଠାଣର ସନ୍ତୁଳନ ରକ୍ଷା କରାଯିବ। ମଣ୍ଡିରେ କୌଣସି ପ୍ରକାର 'କଟନୀ-ଛଟନୀ' ବା ଚାଷୀଙ୍କ ଶୋଷଣକୁ ବରଦାସ୍ତ କରାଯିବ ନାହିଁ ଏବଂ ଏପରି ଅଭିଯୋଗ ଆସିଲେ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଚାଷୀମାନଙ୍କ ସୁବିଧା ତଥା ଆବେଦନକୁ ଦୃଷ୍ଟିରେ ରଖି ଚଳିତ ଖରିଫ୍ ଋତୁ ପାଇଁ କେତେକ ଧାନ କ୍ରୟ କେନ୍ଦ୍ରର ସୀମା ପୁନଃନିର୍ଦ୍ଧାରଣ ଓ ପରିବର୍ତ୍ତନ କରାଯାଇଛି। ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ଚାଷୀ ଭାଇଭଉଣୀ, ମିଲର୍ସ ଏବଂ ବିଭାଗୀୟ ଅଧିକାରୀମାନେ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ରାଜ୍ୟ ସରକାର ନିଜ ବିଫଳତାକୁ ଲୁଚାଇବାକୁ ଅପ୍ରସଙ୍ଗର ସାହାରା ନେଉଛନ୍ତି: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ବନ୍ୟା ବିଭୀଷିକାକୁ ନେଇ ବିଧାନସଭାରେ ବିସ୍ତୃତ ଆଲୋଚନା କଥା ଶୁଣି ରାଜ୍ୟ ସରକାର ବିଚଳିତ ହୋଇ ଯାଇଛନ୍ତି । ଉକ୍ତ ପ୍ରସଙ୍ଗକୁ ଲୁଚାଇବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତ ତଦନ୍ତ ବାହାନା କରୁଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ଓ ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି । ଶ୍ରୀ ଦାସ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ବିଦେଶ ଗସ୍ତର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ବିଜେଡି ପକ୍ଷରୁ ଉକ୍ତ ତଦନ୍ତକୁ ସ୍ୱାଗତ କରାଯାଉଛି । ବର୍ତ୍ତମାନ ସମୟରେ ବନ୍ୟା ଓ ବାତ୍ୟା ସ୍ଥିତି ନେଇ ରାଜ୍ୟ ସାରା ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ବିଜେଡି ଶାସନ କାଳରେ ବିପର୍ଯ୍ୟୟ ପରିଚାଳନାରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିବା ଓଡ଼ିଶା ଆଜି ନିନ୍ଦିତ ହୋଇଛି । ଡବଲ ଇଞ୍ଜିନ ସରକାର ବନ୍ୟା ଓ ବାତ୍ୟା ଭଳି ବିର୍ଯ୍ୟୟ ରିଚାଳନାରେ ବିଫଳ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାରେ ବିର୍ଯ୍ୟୟର ବିଭୀଷିକାକୁ ନେଇ ବିଧାନସଭାରେ ଆଲୋଚନା କରିବାକୁ ପ୍ରସ୍ତାବ ଦିଆଯାଇଛି । କିନ୍ତୁ ଉକ୍ତ ପ୍ରସ୍ତାବରେ ଆଲୋଚନା କରିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିନାହାଁନ୍ତି । ବନ୍ୟା ବିଭୀଷିକାର ବିସ୍ତୃତ ଆଲୋଚନା ହେଲେ ରାଜ୍ୟ ସରକାରଙ୍କ ସବୁ ପୋଲ ଖୋଲିଯିବ । ଲୋକେ ସବୁ ଜାଣି ଯିବେ ବୋଲି ରାଜ୍ୟ ସରକାର ବିଚଳିତ ହୋଇ ଯାଇଛନ୍ତି । ଆଇନଶୃଙ୍ଖଳା, ଭଉା ବଣ୍ଟନ, ବନ୍ୟା ପରିଚାଳନା ଆଦି ଅନେକ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛନ୍ତି । ରାଜ୍ୟ ସରକାରଙ୍କ ବିଫଳତା ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ତଦନ୍ତ ପରି ଏକ ଅପ୍ରସଙ୍ଗର ଉପସ୍ଥାନା କରିଛନ୍ତି । ପୂର୍ବରୁ ମଧ୍ୟ ୩ଟି ପ୍ରସଙ୍ଗରେ ତଦନ୍ତ କରିଥିଲେ । କିନ୍ତୁ ତଦନ୍ତରେ କୌଣସି ଭୁଲ ତ୍ରୁଟି ପାଇଲେନି । ନିର୍ବାଚନ ପୂର୍ବରୁ ବିଜେପିର ନେତୃବୃନ୍ଦ ଓଡ଼ିଶା ଆସି ମହାପ୍ରଭୁ ରତ୍ନ ଭଣ୍ଡାର ଲୁଟି ତାମିଲନାଡୁ ଚାଲି ଯାଇଛି ବୋଲି ମିଛ ପ୍ରଚାର କରିଥିଲେ । ଓଡ଼ିଶା ବାସୀଙ୍କୁ ଭୁଆଁ ବୁଲାଇ ଭୋଟ ନେବା ପରେ ସେହି ବିଜେପି ସରକାର ତଦନ୍ତ କରି କ୍ଲିନଚିଟ୍ ପ୍ରଦାନ କରିଛନ୍ତି । ରତ୍ନ ଭଣ୍ଡାର ଗଣତି ମଣତି କରିବା ପରେ ସବୁ ରତ୍ନ ସୁରକ୍ଷିତ ଅଛି ବୋଲି ରାଜ୍ୟ ସରକାର ନିଜେ କହିଛନ୍ତି। ସେହିପରି ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ହେଲିକ୍ୟାପ୍ଟର ଉଡାଣ ନେଇ ପୁଣି ମିଛ ଅ ପ୍ରଚାର କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଦ୍ରେ୍ଦଶକ୍ରମେ ଲୋକଙ୍କ ସମସ୍ୟା ବୁଝିବା ପାଇଁ କିଛି ଅଞ୍ଚଳକୁ ଯାଇଥିଲେ । ରାଜ୍ୟ ସରକାର ମିଛ କରିଥିବା ପ୍ରମାଣିତ ହୋଇଛି । ରାଜ୍ୟ ସରକାର ତଦନ୍ତ କରିଲେ । ତାହାକୁ ନେଇ କୋର୍ଟ କ୍ଲିନଚିଟ୍ ପ୍ରଦାନ କରିଛନ୍ତି । ଅନ୍ୟ ଏକ ପ୍ରସଙ୍ଗ କନ୍ଧମାଳରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାରେ ତଦନ୍ତ ରିପୋର୍ଟ ଫାଇଲ ଗାଏବ ନେଇ । ବିଜେପି ସରକାର ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଳୟରୁ ଫାଇଲ ଗାଏବ ନେଇ ଦୋଷ ନିଜ ମୁଣ୍ଡରୁ ହଟାଇବାକୁ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଟାଣିଥିଲେ । ନିଜ ଦୋଷ ତ୍ରୁଟିକୁ ଲୋକ ଲୋଚନରୁ ଲୁଚାଇବା ପାଇଁ ବାରମ୍ବାର ପୂର୍ବର ବିଜେଡି ସରକାରଙ୍କ ଉପରେ ସବୁ ଦୋଷ ଲଦି ଦେଉଛନ୍ତି । ଏତେ ପରେ ବି ମନ ମାନିଲା ନାହିଁ ରାଜ୍ୟ ସରକାର ନିଜ ଜାଲରେ ନିଜେ ଛନ୍ଦି ହେବାକୁ ପୁଣି ଏକ ତଦନ୍ତ ବାହାନା ଆରମ୍ଭ କରି ଦେଇଛନ୍ତି । ଯାହାକି ଅତି ହାସ୍ୟାସ୍ପଦ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସରକାର ବାରମ୍ବାର ତଦନ୍ତ ଭିତରକୁ ଟାଣିବାକୁ ପ୍ରଚେଷ୍ଟା କରୁଛନ୍ତି । ସେ ଜଣେ ଷ୍ଟେଟ୍‌ସମ୍ୟାନ, ତାଙ୍କୁ କାଠଗଡାକୁ ଟାଣିବା ପ୍ରୟାସ କରିବା ପାହାଡକୁ ପଥର ଫିଙ୍ଗିବା ସହ ସମାନ । ସେ ଯୁବାବସ୍ଥାରୁ ଜଣେ ଲେଖକ ଭାବେ ବିଶ୍ୱର ବିଭିନ୍ନ ଦେଶ ଅନେକ ବାର ଭ୍ରମଣ କରିଛନ୍ତି ।

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ୧୫ରୁ ଆରମ୍ଭ ହେବ ଖରିଫ ଧାନ ସଂଗ୍ରହ

ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲାରେ ଚଳିତ ଖରିଫ ବିପଣନ ଋତୁ ୨୦୨୬-୨୭ ପାଇଁ ଆସନ୍ତା ଡିସେମ୍ବର ୧୫ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହେବ। ଏହି ଉପଲକ୍ଷେ ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇ ଧାନ ସଂଗ୍ରହର ସୁବ୍ୟବସ୍ଥିତ ପରିଚାଳନା ଓ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ, ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରଣ୍ଡାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଏବଂ ମାନ୍ୟବର ସାଂସଦଙ୍କ ପ୍ରତିନିଧି, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗତ ଖରିଫ ଓ ରବି ବିପଣନ ଋତୁ ୨୦୨୫-୨୬ର ଧାନ ସଂଗ୍ରହ ଲକ୍ଷ୍ୟ ଓ ସଫଳତା ସମୀକ୍ଷା କରାଯାଇଥିଲା। ଗତ ଋତୁରେ ଖରିଫ ଓ ରବି ମିଶାଇ ମୋଟ ୨,୮୫,୪୮୫.୦୭୫ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିବା ବେଳେ ୨, ୭୮, ୬୩୬. ୨୭୨ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏହା ଧାର୍ଯ୍ୟ ଲକ୍ଷ୍ୟର ୯୭.୬୦ ପ୍ରତିଶତ। ଏହି ପ୍ରକ୍ରିୟାରେ ମୋଟ ୪୮,୦୯୨ ଜଣ ଚାଷୀ ଧାନ ବିକ୍ରୟ କରିଥିଲେ। ସେହିପରି ଗତ ଖରିଫ ଋତୁରେ ସଂଗୃହୀତ ଧାନରୁ ୧, ୭୮, ୨୬୪.୭୪୭ ମେଟ୍ରିକ ଟନ୍ କଷ୍ଟମ ମିଲ୍ଲ୍ଡ ରାଇସ୍ (ସିଏମ୍‌ଆର) ଡେଲିଭରି ଯୋଗ୍ୟ ଥିବାବେଳେ ୧, ୦୨, ୩୬୩.୪୦୫ ମେଟ୍ରିକ ଟନ୍ ଚାଉଳ ଡେଲିଭରି ହୋଇଛି। ଅବଶିଷ୍ଟ ଚାଉଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଡେଲିଭରି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ଖରିଫ ବିପଣନ ଋତୁ ୨୦୨୬-୨୭ ପାଇଁ ଜିଲ୍ଲାରେ ମୋଟ ୫୩,୩୧୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୫୩,୧୭୭ ଜଣଙ୍କ ପଞ୍ଜୀକରଣ ଯାଞ୍ଚ ହୋଇଥିବାବେଳେ ୫୩,୧୭୪ ଜଣ ଚାଷୀଙ୍କ ତଥ୍ୟ ଅପଡେଟ୍ ହୋଇଛି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୯,୦୬୭ ଜଣଙ୍କର ଏଗ୍ରି ଷ୍ଟାକ୍ ଆଇଡି ରହିଛି। ଅନ୍ୟପକ୍ଷରେ ୧,୨୯୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାର ଇ-କେୱାଇସି ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନଥିବାରୁ ଏହାକୁ ଶୀଘ୍ର ସମ୍ପନ୍ନ କରିବାକୁ ଆଲୋଚନା ହୋଇଥିଲା। ଧାନ କ୍ରୟ ପାଇଁ ଚଳିତ ବର୍ଷ ୧୩ଟି ଲାମ୍ପସ୍‌କୁ ନିଯୁକ୍ତ କରାଯାଇଛି। ଏଥିସହ ଗତ ବର୍ଷ ୩୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୨ଟି ପାଣି ପଞ୍ଚାୟତ ଧାନ କ୍ରୟ କାର୍ଯ୍ୟରେ ନିୟୋଜିତ ହୋଇଥିବା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୮ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ। ସେଥିମଧ୍ୟରୁ ୫୩ଟି ଆରଏମ୍‌ସି ୟାଡର ଏବଂ ୫ଟି ଅସ୍ଥାୟୀ ସେଡ୍‌ରେ କାର୍ଯ୍ୟ କରିବ। ଧାନର ଅବାଧ ଓ ସ୍ୱଚ୍ଛ ସଂଗ୍ରହ ସୁନିଶ୍ଚିତ କରିବା ସହ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଅନ୍ୟ ଜିଲ୍ଲାରୁ ବେଆଇନ ଭାବେ ଧାନ ଆମଦାନି ରୋକିବା ନିମନ୍ତେ ଜିଲ୍ଲାର ପାଞ୍ଚଟି ସ୍ଥାନରେ ସୀମା ଯାଞ୍ଚ କେନ୍ଦ୍ର ସ୍ଥାପନ କରାଯିବ। ଏଥିମଧ୍ୟରେ ରାଇଘର ବ୍ଲକର ଖୀଲୋଲି, ଉମରକୋଟ ବ୍ଲକର ଗୋଡିଗୁଡା, ଚନ୍ଦାହାଣ୍ଡି ବ୍ଲକର ଦଣ୍ଡାମୁଣ୍ଡା, କୋଷାଗୁମୁଡା ବ୍ଲକର ସନ୍ତୋଷପୁର ଏବଂ ପାପଡ଼ାହାଣ୍ଡି ବ୍ଲକର ମୌଦଲପୁର ଯାଞ୍ଚ ବ୍ୟବସ୍ଥା କରାଯିବ। ଏହି କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସଂଯୁକ୍ତ ଯାନ ନିୟୋଜନ ସହ ଆବଶ୍ୟକୀୟ କର୍ମଚାରୀ ଓ ପୋଲିସ କର୍ମୀ ମୁତୟନ କରାଯିବ। ସାଟେଲାଇଟ୍ ମାଧ୍ୟମରେ ଚିହ୍ନଟ ହେବାକୁ ଥିବା ସନ୍ଦେହଜନକ ଜମି ପ୍ଲଟ୍‌ଗୁଡ଼ିକର କ୍ଷେତ୍ରସ୍ତରୀୟ ଯାଞ୍ଚ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏ ସମ୍ପର୍କିତ ତଥ୍ୟ ଖାଦ୍ୟ ଯୋଗାଣ ବିଭାଗଠାରୁ ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଚାଷୀମାନେ ଯେପରି ସୁବିଧାରେ ଓ ସ୍ୱଚ୍ଛତାର ସହିତ ନିଜ ଉତ୍ପାଦିତ ଧାନ ବିକ୍ରୟ କରିପାରିବେ, ସେଥିପାଇଁ ସମସ୍ତ ବିଭାଗ ଓ ସମ୍ପୃକ୍ତ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ଧାନ ସଂ

ଭୁବନେଶ୍ୱର, ୨୩ ନଭେମ୍ବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

କାର୍ତ୍ତିକ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୨୨/୧୧ ନ୍ୟୁଜ ବ୍ୟୁରୋ

ରବିବାର କାର୍ତ୍ତିକ ମାସ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ତ୍ରିବିକ୍ରମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କାର୍ତ୍ତିକ ମାସର ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଡ଼କିଆ ବା ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଥାଏ । ଏନେଇ ବିଭିନ୍ନ ଦିବ୍ୟ ଅଳଙ୍କାରରେ ବିଭୂଷିତ ହୋଇଛନ୍ତି ଶ୍ରୀଜୀଉ । ମହାପ୍ରଭୁଙ୍କ ଅବକାଶ ନୀତି ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ଏହି ବେଶ କରିଥିଲେ। ଏହି ବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଏହି ଦିନରେ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କଲେ ଜନ୍ମ ଜନ୍ମାନ୍ତର ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ତ୍ରିବିକ୍ରମ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲଗି କରାଯାଏ । ଚୂଳ ଦୁଇଟି ସୋଲ, କନା, ବେତ, ଜମ୍ବୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ହୋଇଥାଏ । ଏହି ଚୂଳରେ ସ୍ୱର୍ଣ୍ଣ ନିର୍ମିତ କିଆ ଆଡବାଗରେ ଖୋସା ଯାଇଥାଏ। ମା' ସୁଭଦ୍ରାଙ୍କ ସମେତ ଦୁଇ ଭାଇଙ୍କ ମସ୍ତକର ଶୀର୍ଷ ଭାଗରେ ସ୍ୱର୍ଣ୍ଣ ଚନ୍ଦ୍ରିକା ମଧ୍ୟ ଖଞ୍ଜା ଯାଇଥାଏ। ଏଥିସହ ବିବିଧ ସ୍ୱର୍ଣ୍ଣ ଅଳଙ୍କାର ଯଥା ଘାଗଡା ମାଳି, ବରକୋଳି ମାଳି, ପଦ୍ମମାଳି, ଗିନିମାଳି, ପଦକ ମାଳି, ଶ୍ରୀପୟର ଶ୍ରୀଭୁଜ, ହରିଡ଼ା ମାଳି, ବାହାଡ଼ା ମାଳି ସମେତ ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟ ବସ୍ତ୍ର ଇତ୍ୟାଦିରେ ବିଗ୍ରହମାନଙ୍କୁ ଆଡକିଆ ବା ତ୍ରିବିକ୍ରମ ବେଶରେ ଭୂଷିତ କରାଯାଇଥିଲା । ମହାପ୍ରଭୁଙ୍କ ଅବକାଶ ନୀତି ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ଏହି ବେଶ କରିଥିଲେ। ଏହି ବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଛି । ଏହା ବ୍ୟତୀତ ମହାପ୍ରଭୁଙ୍କ ଅନ୍ୟାନ୍ୟ ଅଳଙ୍କାର ମାଳି, ଶ୍ରୀପୟର, ଶ୍ରୀହସ୍ତ ଏବଂ ଆୟୁଧ ମଧ୍ୟ ଲାଗି କରାଯାଏ। ଜଗନ୍ନାଥ, ବଳଭଦ୍ରଙ୍କୁ ଲୁଗାକଛା ମାରି ପିନ୍ଧାଇ ଦିଆଯାଏ । ମହନ୍ତ ମହାରାଜ ରାମ ଜୟନ୍ତୀ ଦାସଙ୍କ ଦ୍ୱାରା ଏହି ବେଶର ପ୍ରଚଳନ ହୋଇଥିଲା ।



ବଡ଼ଓଷାରେ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ ସମ୍ପନ୍ନ

କଟକ, ୨୨/୧୧ ନ୍ୟୁଜ ବ୍ୟୁରୋ



ରବିବାର ହେଉଛି ପବିତ୍ର ବଡ଼ଓଷା । ଏହି ଅବସରରେ ଚଳଚଞ୍ଚଳ ହୋଇଉଠିଛି କଟକ ଜିଲ୍ଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ। ରବିବାର ଭୋର ୪ଟା ସମୟରେ ମନ୍ଦିରର ପହଡ଼ ଖୋଲାଯାଇ ବାବାଙ୍କୁ ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ପରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ବଡ଼ସିଂହାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ବାବା ଧବଳେଶ୍ୱର। ବଡ଼ଓଷା ଅବସରରେ ଚାଉଳ ଚୂନାରେ ସ୍ୱତନ୍ତ୍ର ଗଜମଣ୍ଡା ପ୍ରସ୍ତୁତ କରାଯାଇଛି। ରବିବାର ମଧ୍ୟରାତ୍ରିରେ ଏହା ବାବାଙ୍କ ନିକଟରେ ଲାଗି ହୋଇଥିଲା । ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ଓ ପୂଜକ ସମିତି ପକ୍ଷରୁ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା। ୧୬ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ବଡି ଭୋରରୁ ହଜାର ହଜାର ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କ ପୀଠରେ ପହଞ୍ଚି ବାବାଙ୍କ ଦର୍ଶନ କରିଥିଲେ।

ନବମ ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା

"ଭାରତରେ ଡିଜିଟାଲ ମିଡ଼ିଆ ଅଧିକ ଲୋକପ୍ରିୟ ହେଉଛି"



ଭୁବନେଶ୍ୱର, ୨୨/୧୧ ନ୍ୟୁଜ ବ୍ୟୁରୋ

ଭାରତରେ ଗଣମାଧ୍ୟମ ଏବେ ମଧ୍ୟ ତା'ର ଲକ୍ଷ୍ୟ ହରାଇ ନାହିଁ। ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡ଼ିଆ ତୁଳନାରେ ସାମାଜିକ ଗଣମାଧ୍ୟମ ବା ଡିଜିଟାଲ ମିଡ଼ିଆ ଦ୍ରୁତଗତିରେ ଆଗେଇ ଚାଲିଛି। ପ୍ରିଣ୍ଟ ଓ ଟେଲିଭିଜନ ମିଡ଼ିଆ ଉଲ୍ଲେଖନୀୟ ବ୍ୟବସାୟିକ ଚାପ, ରେଟିଂ ବା ଦର୍ଶକୀୟ ପ୍ରତିଦ୍ୱନ୍ଦ୍ୱିତା ରାଜନୈତିକ ଭାବ, ଆପଣାର ନିୟନ୍ତ୍ରଣ ଏବଂ ମାଲିକାନା ଦୃଷ୍ଟିରୁ ପ୍ରଭାବିତ ହେଉଥିବା ବେଳେ ଡିଜିଟାଲ ମିଡ଼ିଆ ଆଗକୁ ଆସିଛି। କିନ୍ତୁ ଏଗୁଡ଼ିକର ପ୍ରଭାବ ଓ ଭବିଷ୍ୟତ ବିଚାର୍ଯ୍ୟ ବୋଲି ପୂର୍ବତନ ରାଜ୍ୟସଭା ସାଂସଦ, ପ୍ରଶାସକ ତଥା 'ପ୍ରସାରଭାରତୀ'ର ଅବସରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଜହର ସରକାର ଉଲ୍ଲେଖ କରିଛନ୍ତି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ନବମ ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା 'ଭାରତୀୟ ଗଣମାଧ୍ୟମ ଲକ୍ଷ୍ୟହୀନ ହୋଇଯାଉଛି କି'? ପ୍ରସଙ୍ଗ ଉପରେ ଆଲୋକପାତ କରି ଶ୍ରୀ ସରକାର କହିଛନ୍ତି ଯେ, ଭାରତର ଗଣମାଧ୍ୟମ ଭୂମିକା ଗଣତନ୍ତ୍ରର ସଫଳତାକୁ ଉଜାଗର କରିଆସିଛି। ଭାରତରେ ଗଣମାଧ୍ୟମର ବିବର୍ତ୍ତନ ଉପରେ ସେ ବିସ୍ତୃତ ବିବରଣୀ ପ୍ରଦାନ କରି କହିଛନ୍ତି ଯେ, ଏହା ସବୁବେଳେ ସାମାଜିକ ଓ ଧାର୍ମିକ ବୈଷମ୍ୟ, ଉପନିବେଶବାଦୀ ଶକ୍ତିର ଅତ୍ୟାଚାର, ସ୍ୱାଧୀନତାପ୍ରାପ୍ତି ପରେ ସରକାରୀ ଉଦାସୀନତା, ଦୁର୍ନୀତି, ଅବହେଳା ଓ ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ଦୁର୍ବଳତା ଇତ୍ୟାଦି ବିରୋଧରେ ପ୍ରବଳ ସ୍ୱର ଉତ୍ତୋଳନ କରି ଆସିଥିବା ବେଳେ ବିଭିନ୍ନ ସମୟରେ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା, ନିୟନ୍ତ୍ରଣ ଓ ଆଇନଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି। ଅନୁସନ୍ଧାନମୂଳକ ସାମ୍ବାଦିକତା ସହିତ ଜନମତ ଜାଗୃତିକୁ ଗୁରୁତ୍ୱ ଦେଇ ଏହା ସମୟକ୍ରମେ ଶକ୍ତିଶାଳୀ ମୁକ୍ତ ଓ ବୃତ୍ତିଗତ ମୂଲ୍ୟବୋଧ ଆଗରେ ଥିବା ଆହ୍ୱାନ ଗୁଡ଼ିକୁ ସାମ୍ନା କରିଛି। ଶ୍ରୀ ସରକାର ପୁଣି କହିଛନ୍ତି ଯେ, ବର୍ତ୍ତମାନର ସରକାର ଡିଜିଟାଲ ମିଡ଼ିଆର ପ୍ରଭାବ ଓ ଲୋକପ୍ରିୟତାକୁ ଲକ୍ଷ୍ୟ କରି ନାଗରିକ ସଶକ୍ତିକରଣ ପାଇଁ ପରିବର୍ତ୍ତିତ ମିଡ଼ିଆ ପାଣିପାଗର ପରିଚାଳନା ନିମନ୍ତେ ବ୍ୟାପକ ବିମର୍ଶର ଆବଶ୍ୟକତାକୁ ଅନୁଭବ କରୁଛନ୍ତି। ସାମାଜିକ ଗଣମାଧ୍ୟମର ଲକ୍ଷ୍ୟ ପ୍ରତି ବ୍ୟକ୍ତିବିଶେଷ ତଥା ମାଲିକ ବା କର୍ତ୍ତୃପକ୍ଷ ଶୃଙ୍ଖଳିତ ଓ ପ୍ରତିବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। 'ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ନ୍ୟାସର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯଥାକ୍ରମେ ବିଶିଷ୍ଟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରେନ୍ଦ୍ର କୃଷ୍ଣ ଧଳଙ୍କୁ ଜଣେ ନିର୍ଭୀକ ସାମ୍ବାଦିକ ତଥା ସାହିତ୍ୟିକ, ସଂଗଠକ ଓ ମୁକ୍ତ ଚିନ୍ତକ ବୋଲି ଅଭିହିତ କରି ତାଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉଭୟ ଶ୍ରୀ ଜେନା ଓ ଶ୍ରୀ ମିଶ୍ର ଗଣମାଧ୍ୟମର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ଉପରେ ମଧ୍ୟ ବିସ୍ତୃତ ଭାବେ ବାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ପ୍ରତିଷ୍ଠାନ (ଆଇଆଇଏମ୍‌ସି)ର ଛାତ୍ରୀ ସୁଶ୍ରୀ ରୋଜାଲିନ ସାହୁ ଏବଂ ବିଶିଷ୍ଟ ସ୍ତମ୍ଭ ଲେଖକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ନ୍ୟାସ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବାବଦରେ ସୁଶ୍ରୀ ରୋଜାଲିନଙ୍କୁ ନଗଦ ୧୦ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ଶ୍ରୀ ଶତ୍ରୁଜିତ ମାନପତ୍ର ପାଠ କରିଥିଲେ। ବିଶିଷ୍ଟ କବି, ଅନୁବାଦକ ତଥା ନ୍ୟାସର ସଦସ୍ୟ ସୂର୍ଯ୍ୟ ମିଶ୍ର ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହ ଟ୍ରଷ୍ଟର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଶେଷରେ ସଦସ୍ୟ ତଥା 'ପଶ୍ଚିମା'ର ସମ୍ପାଦକ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ସଦସ୍ୟ ସିଦ୍ଧାର୍ଥ ଧଳ, ପ୍ରୀତିଛନ୍ଦା ଧଳ, ପ୍ରକାଶ ସେଠୀ, ପବିତ୍ର ପ୍ରଧାନ, ଦୈନିକ ପ୍ରମୁଖ ଓଡ଼ିଆ ସମ୍ବାଦପତ୍ର 'ସମ୍ବାଦ କଳିକା'ର ଭୁବନେଶ୍ୱର ପ୍ରତିନିଧି ବିବେକାନନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ, ସାହିତ୍ୟିକ, ସାମ୍ବାଦିକ, ସଂସ୍କୃତି କର୍ମୀ, ସଂଗଠକ ଏବଂ ବିଶିଷ୍ଟ ନାଗରିକ ସମବେତ ହୋଇଥିଲେ।

କବିତା ସଂକଳନ 'ଆସେସ ଟୁ ଆନ୍ଥେମ' ଲୋକାର୍ପିତ



ଭୁବନେଶ୍ୱର, ୨୨/୧୧ ନ୍ୟୁଜ ବ୍ୟୁରୋ

କବି ସ୍ୱୟଂପ୍ରଭା ରଥଙ୍କ ରଚିତ ଇଂରାଜୀ କବିତା ସଂକଳନ 'ଆସେସ ଟୁ ଆନ୍ଥେମ' ଗତ ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଆ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁନାମ ଧନ୍ୟ ତଥା ପ୍ରବୀଣ କବି ଡକ୍ଟର ଫନୀ ମହାନ୍ତି ପୌରୋହିତ୍ୟ କରିଥିଲେ। କିସ୍ ବିଶ୍ୱ ବିଦ୍ୟାଳୟର ମାନବ ସମ୍ବଳ ମୁଖ୍ୟ ତଥା ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ ଭୋଇ 'ଆସେସ ଟୁ ଆନ୍ଥେମ' ପୁସ୍ତକରେ ସ୍ଥାନିତ କବିତା ଗୁଡ଼ିକର ସମ୍ବେଦନଶୀଳ ଦୃଷ୍ଟି ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ସୁଧୀର କୁମାର ଯୋଶୀ କବିତା ଗୁଡ଼ିକର ଚିତ୍ରକଳ୍ପର ବ୍ୟବହାର ବିଷୟରେ ଆଲୋକପାତ କରିଥିଲେ ଏବଂ ପ୍ରଫେସର ମନୀନ୍ଦ୍ର ମେହେର କବିତା ଗୁଡ଼ିକର ପ୍ରବାହମାନତା ବିଷୟରେ ଉପସ୍ଥିତ ପାଠକ ପାଠିକାଙ୍କୁ ଅବଗତ କରାଇଥିଲେ। ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମର ଆବାହକ ଥିଲେ ଓ କବି ସ୍ୱୟଂପ୍ରଭାଙ୍କ କବିତାର ଯାତ୍ରା ତଥା ଜୀବନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ସାହିତ୍ୟକ, ସୁନାମଧନ୍ୟ କବି, ପତ୍ର-ପତ୍ରିକାର ବିଶିଷ୍ଟ ସମ୍ପାଦକମାନେ ଉପସ୍ଥିତ ରହି ସଭାଗୃହକୁ ଗାରିମାମଣ୍ଡିତ କରିଥିଲେ । ଡକ୍ଟର ସୋନାଲି ସାହୁ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।

ରେଳ ଧାରଣାରୁ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର

ବ୍ୟାସନଗର, ୨୨/୧୧ ନ୍ୟୁଜ ବ୍ୟୁରୋ

ଯାଜପୁର ଜିଲ୍ଲାର ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଏଲସି ଗେଟ୍ ଯଖପୁରା ଭିଷା ଷ୍ଟିଲ ରେଳ ଧାରଣା ମଝିରେ ଏକ ଅଚିହ୍ନା ବୃଦ୍ଧଙ୍କର ଟ୍ରେନ ଦୁର୍ଘଟଣା ରେ ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକର ବୟସ ପ୍ରାୟ ୬୦ ବର୍ଷ ହେବ ବୋଲି ପୋଲିସ ସୂତ୍ରରୁ ଜଣା ପଡିଛି । ବୃଦ୍ଧଙ୍କ ପରିଚୟ ଜଣା ପଡିନାହିଁ । ଖବର ପାଇ ଯାଜପୁର ରୋଡ ରେଳ ବାଇ ପୋଲିସ ଶବ ଟିକୁ ଜବତ୍ କରି ବ୍ୟବଛେଦ ପାଇଁ ଦାନଗଦି ଡାକ୍ତର ଖାନାର ଶବଗୃହକୁ ପଠାଯାଇଛି।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୨/୧୧/୨୦୨୬
୬,୦୯,୪୧୮/-ଟଙ୍କା
ସୁନା:- ୦୨ ଗ୍ରାମ୍ ୩୯୦ମିଲିଗ୍ରାମ
ରୂପା:- ୩୬ ଗ୍ରାମ୍ ୨୦୦ମିଲିଗ୍ରାମ



ଭୁବନେଶ୍ୱର : ଜୟନ୍ତୀ ପାଳନ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବରିଷ୍ଠ ନେତୃବୃନ୍ଦ ବିଧାନସଭା ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।
(ଫଟୋ : ସମ୍ବାଦ କଳିକା)

୨୯ ପ୍ଲଟର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ

ଶ୍ରୀଜଗନ୍ନାଥଙ୍କ ନାମକୁ ଫେରିଲା ୦.୧୧୫ ଏକର ଜମି

ଭୁବନେଶ୍ୱର, ୨୨।୧୧ ନ୍ୟୁଜ ବ୍ୟୁରୋ

ପୁରୀ ତହସିଲ ଅନ୍ତର୍ଗତ ବଡ଼ଦେଉଳ ସାହି ମୌଜାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୯୯୭ ମସିହାରୁ ବିଚାରାଧୀନ ଥିବା ଏକ ଆବେଟମେଣ୍ଟ ମାମଲାର ନିଷ୍ପତ୍ତି ନିଆଯାଇ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କରାଯାଇଛି। ଏହାଦ୍ୱାରା ବ୍ୟକ୍ତିବିଶେଷଙ୍କ ନାମରେ ରେକର୍ଡଭୁକ୍ତ ଥିବା ମୋଟ ୦.୧୧୫ ଏକର ଜମିର ମାଲିକାନା ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ପୁରୀ ନାମରେ ସଂଶୋଧିତ ହୋଇଛି। ଏହି ପ୍ରକ୍ରିୟାରେ ମୋଟ ୧୯ଟି ଖାତା ଅନ୍ତର୍ଗତ ୨୯ଟି ପ୍ଲଟର ରେକର୍ଡ ସଂଶୋଧନ କରାଯାଇଛି। ଫଳରେ ଏହି ସମସ୍ତ ଜମିର ମାଲିକାନା ଆଉ କୌଣସି ବ୍ୟକ୍ତିବିଶେଷଙ୍କ ନାମରେ ନ ରହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡଭୁକ୍ତ ହୋଇଛି। ପ୍ରକାଶ ଥାଉକି ଶ୍ରୀକ୍ଷେତ୍ରରେ କେବଳ ଶ୍ରୀମନ୍ଦିର ପାଇଁ "ବଡଦେଉଳ ସାହି" ନାମରେ ଏକ ମୌଜା ରହିଅଛି, ଯାହାକି ସମଗ୍ର ରାଜସ୍ୱ ପ୍ରଶାସନରେ ଅନନ୍ୟ। ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ଆରମ୍ଭ ହେବା ପରେ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ଚିହ୍ନଟ, ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ଗତିଶୀଳ କରାଯାଇଛି। ଏହି ପଦକ୍ଷେପ ଫଳରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଜମିର ଅବୈଧ ଜବରଦଖଲ ହଟାଇବା ସହ ଜମିର ରେକର୍ଡ ମହାପ୍ରଭୁଙ୍କ ନାମକୁ ଫେରାଇ ଆଣିବା ଦିଗରେ ଉଲ୍ଲେଖନୀୟ ସଫଳତା ମିଳୁଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ମହାପ୍ରଭୁଙ୍କ ଭୂ-ସମ୍ପତ୍ତି ସୁରକ୍ଷାରେ ସହାୟତା କରୁଥିବା ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଦେବା ସହ ସମସ୍ତଙ୍କ ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି।

ଭିଜିଲାନ୍ସ ଜାଲରେ ଏନ୍‌ଏସି କର୍ମଚାରୀ

କଟକ, ୨୨/୧୧ ନ୍ୟୁଜ ବ୍ୟୁରୋ

ଭିଜିଲାନ୍ସ ହାତରେ ଜୁନାଗଡ଼ ଏନ୍‌ଏସି କର୍ମଚାରୀ । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନ୍‌ଏସିର ମ୍ୟାନେଜମେଣ୍ଟ ଇନ୍‌ଫର୍ମେସନ୍ ସିଷ୍ଟମ୍ ପ୍ରୋଗ୍ରାମର ପ୍ରଦ୍ୟୁମ୍ନ କୁମାର ଦାସ ୭ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ପିଏମ୍‌ଏୱାଇ ଯୋଜନାର ବକେୟା ଟଙ୍କା ମଞ୍ଜୁର କରାଇଦେବାକୁ ୭ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ହିତାଧିକାରୀଙ୍କ ଘର ନିର୍ମାଣ ପାଇଁ ମୋଟ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସେଥିରୁ ୧ ଲକ୍ଷ ୬୦ ହଜାର ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିଥିଲା। ବାକି ୪୦ ହଜାର ଟଙ୍କା ମଞ୍ଜୁର କରାଇଦେବା ପାଇଁ ପ୍ରଦ୍ୟୁମ୍ନ ଦାସ ୭ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏପରିକି ଲାଞ୍ଚ ଟଙ୍କା ନଦେଲେ ବକେୟା ଅର୍ଥ ମଞ୍ଜୁର ପ୍ରକ୍ରିୟା ଆଗକୁ ବଢ଼ାଇବେ ନାହିଁ ବୋଲି ହିତାଧିକାରୀଙ୍କୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହାପରେ ହିତାଧିକାରୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ୭ ହଜାର ଜବତ କରାଯାଇଛି।



ବର୍ଷ-୧୭ ସଂଖ୍ୟା-୪୧ RNI Regd.No:ODIODI/2010/34704

ରବିବାସରୀୟ କଳିକା

ଭିତର ପୃଷ୍ଠାରେ...

ପଶୁଙ୍କ ପାଇଁ ହସ୍ପିଟାଲ ଅଛି, ହେଲେ ନାହାନ୍ତି ଡାକ୍ତର

ରାଜ୍ୟରେ ୫୩୫ ଡାକ୍ତର ଓ ୭୦୦ରୁ ଅଧିକ ଏଲଆଇ ପଦ ଖାଲି

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ରାଜଧାନୀ ପୁସ୍ତକମେଳାରେ କିଛି ନୂଆ ଦୃଶ୍ୟ

ରିଲ୍ସ, ସୋସିଆଲ୍ ଓ ଡିଜିଟାଲ୍ କଣ୍ଟେଣ୍ଟର ଭିଡ଼ ଭିତରେ ବି ବହି ପ୍ରତି ରହିଛି ଜେନ-ଜିଙ୍କ ରୁଚି

ଭୁବନେଶ୍ୱର, ୨୨/୧୧ ନ୍ୟୁଜ ବ୍ୟୁରୋ



ବଦଳୁଛି ପଢ଼ିବାର ରୁଚି, ବଦଳୁଛି ବହିର ପସନ୍ଦ । ଥ୍ରିଲର ଠାରୁ ରୋମାନ୍ସ, ମାଙ୍ଗାରୁ ଆଧୁନିକ ସାହିତ୍ୟ । ନିଜ ପସନ୍ଦର ବହି ବାଛି ପଠନର ନୂଆ ଟ୍ରେଣ୍ଡ ସୃଷ୍ଟି କରୁଛନ୍ତି ଜେନ୍ ଜି । ଚତୁର୍ଥ ଶ୍ରେଣୀର ଆଂଶିକା ଠାରୁ କଲେଜ ଯୁବକ ଯୁବତୀ ଯାଏଁ ସମସ୍ତଙ୍କ ହାତରେ ଏବେ ନୂଆ ଟ୍ରେଣ୍ଡ - ମାଙ୍ଗା, ଥ୍ରିଲର, ରୋମାନ୍ସ। ଡିଜିଟାଲ୍ ଦୁନିଆ ସାମ୍ନାରେ ହାରି ଯାଇନି ବହି ବରଂ ନୂଆ ରୂପରେ ଫେରି ଆସିଛି ଜେନ-ଜିଙ୍କର ଏଇ ପୁସ୍ତକ ନିଶା। କହୁଥିଲେ ଜେନ-ଜି ବହି ପଢନ୍ତିନି। କେବଳ ରିଲ୍ସ ଦେଖନ୍ତି। କିନ୍ତୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ରାଜଧାନୀ ପୁସ୍ତକମେଳାରେ ଦେଖିବାକୁ ମିଳିଥିଲା କିଛି ନୂଆ ଦୃଶ୍ୟ । କାହା ହାତରେ ଥିଲା ମାଙ୍ଗା ସିରିଜ, କାହା ହାତରେ ଥିଲା ଥ୍ରିଲର, ପୁଣି କାହା ହାତରେ ରୋମାଣ୍ଟିକ ନୋଭେଲ। ସତେ ଯେମିତି ମୋବାଇଲ ସ୍କ୍ରିନ ଭିତରେ ସୀମିତ ନୁହେଁ ଏ ନୂଆ ପୀଢିଙ୍କ ଦୁନିଆ । ରିଲ୍ସ, ସୋସିଆଲ୍ ମିଡିଆ ଓ ଡିଜିଟାଲ୍ କଣ୍ଟେଣ୍ଟର ଭିଡ଼ ଭିତରେ ବି ବହି ପ୍ରତି ଏମାନଙ୍କର ରହିଛି ଅଲଗା ଆକର୍ଷଣ। ଜେନ-ଜିଙ୍କର ବଦଳିଛି ପଢ଼ିବାର ରୁଚି। ବଦଳିଛି ପସନ୍ଦର ବହି । କାହାକୁ ଥ୍ରିଲର୍ ଭଲ ଲାଗୁଛି ତ ଆଉ କାହାକୁ ରୋମାନ୍ସ, ମାଙ୍ଗା ଓ ଗ୍ରାଫିକ୍ ନୋଭେଲ୍। କିଏ ପୁଣି ଲିଟରେଚର୍ ଓ ମଡର୍ଣ୍ଣ ଫିକ୍ସନ୍‌ରେ ଖୋଜୁଛି ଜୀବନର ବାସ୍ତବତା। ମାଙ୍ଗା, ଥ୍ରିଲର୍ ଓ ମ୍ୟାଜିକାଲ୍ କାହାଣୀରେ ଆଗ୍ରହ। ଜେନ୍‌ଜି ପିଢ଼ିର ପସନ୍ଦ ଏବେ କେବଳ ପାରମ୍ପରିକ ଉପନ୍ୟାସ ମଧ୍ୟରେ ସୀମିତ ନାହିଁ। ମାଙ୍ଗା, ଗ୍ରାଫିକ୍ ନୋଭେଲ୍, ଥ୍ରିଲର୍ ଓ ମ୍ୟାଜିକାଲ୍ ଷ୍ଟୋରୀ ଏପରିକି ରୋମାନ୍ସ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ରହିଛି। ଜଣେ ଯୁବ ପାଠକଙ୍କ କହିବା ଅନୁସାରେ, ତାଙ୍କୁ ପଞ୍ଚତନ୍ତ୍ର ଭଳି କାହାଣୀ ସହ ମ୍ୟାଜିକାଲ୍ ଷ୍ଟୋରୀ ଓ ମାଙ୍ଗା ପଢ଼ିବାକୁ ଭଲ ଲାଗେ । ତେବେ କେଉଁ ବହି କାହାକୁ ଭଲ ଲାଗିବ, ତାହା ପ୍ରତ୍ୟେକଙ୍କ ନିଜସ୍ୱ ରୁଚି ଓ ଆଗ୍ରହ ଉପରେ ନିର୍ଭର କରେ। ସମସ୍ତଙ୍କ ପସନ୍ଦ ଗୋଟିଏ ପ୍ରକାର ହୋଇନଥାଏ । ମାଙ୍ଗା ବହି ପାଇଁ ବଢୁଛି ଯୁବପିଢ଼ିଙ୍କ କ୍ରେଜ୍। ବହି ଦୋକାନରେ ଏବେ ମାଙ୍ଗା ବହିର ଚାହିଦା ବେଶ୍ ଅଧିକ । ବିଶେଷକରି ଯୁବ ପାଠକମାନେ ଏହି ଧରଣର ବହି କିଣିବାକୁ ଆଗ୍ରହ ଦେଖାଉଛନ୍ତି। ୱାନ୍ ପିସ୍, ଡେମନ୍ ସ୍ଲେୟର, ଚେନ୍‌ସ ମ୍ୟାନ୍, ଜୁଜୁତ୍ସୁ କାଇସେନ୍ ଭଳି ଲୋକପ୍ରିୟ ମାଙ୍ଗା ସିରିଜ୍‌ର ଚାହିଦା ରହିଛି। ଜଣେ ବହି ବିକ୍ରେତାଙ୍କ କହିବା ଅନୁସାରେ ୯ ବର୍ଷରୁ ଊର୍ଦ୍ଧ୍ୱ ପାଠକଙ୍କ ମଧ୍ୟରେ ଏହି ବହିଗୁଡ଼ିକ ବେଶ୍ ଲୋକପ୍ରିୟ ଅର୍ଜନ କରୁଛି। ଗୋଟିଏ ବହିର ଦାମ୍ ପ୍ରାୟ ୬୯୯ ଟଙ୍କା ହୋଇଥିବା ବେଳେ ଥ୍ରୀ-ଇନ୍-ୱାନ୍ ସଂସ୍କରଣରେ ଏକାଧିକ ଭାଗ ଏକାଠି ମିଳୁଛି। ଯୁବପିଢ଼ିଙ୍କ ମଧ୍ୟରେ ଏହି ଟ୍ରେଣ୍ଡ ବହି ବଜାରକୁ ମଧ୍ୟ ନୂଆ ପରିଚୟ ଦେଉଛି। ଡିଜିଟାଲ୍ ଦୁନିଆରେ ବି ବହିର ଗୁରୁତ୍ୱ ଅଲଗା। ଡିଜିଟାଲ୍ ଯୁଗରେ ମୋବାଇଲ୍ ମଣିଷର ଦୈନନ୍ଦିନ ଜୀବନର ଅଂଶ ପାଲଟି ଯାଇଛି। ପାଠପଢ଼ାଠାରୁ ଆରମ୍ଭ କରି ମନୋରଞ୍ଜନ ପର୍ଯ୍ୟନ୍ତ ସବୁକିଛି ଗୋଟିଏ ସ୍କ୍ରିନ୍‌ରେ ମିଳିଯାଉଛି। ତଥାପି ବହିର ଗୁରୁତ୍ୱକୁ ଅଣଦେଖା କରିହେବ ନାହିଁ ବୋଲି ମତ ରଖିଛନ୍ତି ଜଣେ ଯୁବ ପାଠକ। ତାଙ୍କ କହିବା ଅନୁସାରେ, ମୋବାଇଲ୍‌ରେ ସବୁ ତଥ୍ୟ ମିଳିପାରେ ନାହିଁ । ବହି ପଢ଼ିବାର ଅନୁଭୂତି ଓ ଏଥିରୁ ମିଳୁଥିବା ଜ୍ଞାନ ଅଲଗା। ବହି ପଢ଼ିବା ଦ୍ୱାରା ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା, ଏକାଗ୍ରତା ଓ ପଢ଼ିବାର ଅଭ୍ୟାସ ବିକଶିତ ହୁଏ । ତେଣୁ ମୋବାଇଲ୍‌ର ବ୍ୟବହାର ସହ ବହି ପଢ଼ିବା ଅଭ୍ୟାସକୁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ । ସେହିପରି ସବୁଠୁ ବଡ କଥା ହେଲା ପୁସ୍ତକ ମେଳାରେ ମାଙ୍ଗା ପ୍ରେମରେ ଛୋଟ ପିଲା। ଏନେଇ ଚତୁର୍ଥ ଶ୍ରେଣୀରେ ପଢୁଥିବା ଛୋଟ ପାଠକ ଆଂଶିକା ପଟ୍ଟନାୟକ କହିଛନ୍ତି, 'ମାଙ୍ଗା ପଢ଼ିବା ପାଇଁ ବହୁତ ଭଲ ଲାଗେ । ଏଥିରେ ଚିତ୍ର ଓ କଥାବାର୍ତ୍ତା ବହୁତ ଭଲ ଲାଗେ । ମାଙ୍ଗା ସବୁବେଳେ ପଢେ। ଏଭଳି ବହି ୩-୪ଟି ମୋ ପାଖରେ ରହିଛି' ବୋଲି ସେ କହିଛନ୍ତି।